# ମହୋଦଧି



Registration No. **S/50309/2004**
(Under Societies Registration Act-XXI of 1860)

*ସଂପାଦନା ମଣ୍ଡଳୀ:*

**ଶ୍ରୀ ହୃଷୀକେଶ ପାଣି**

**ଡ଼ଃ ରମେଶ ଚନ୍ଦ୍ର ଦେ**

**ଶ୍ରୀମତୀ ସୁଷମା ଦେ**

**ଡଃ ରଞ୍ଜନ ପ୍ରଧାନ**

# ସୂଚୀପତ୍ର

(i) ସଭାପତିଙ୍କ କଲମରୁ ୨
(ii) ସମ୍ପାଦକଙ୍କ ବିବରଣୀ ୩

**ଓଡିଆ ବିଭାଗ :**

୧· ଆହେ ପ୍ରଭୁ ବଦ୍ରିନାଥ ୪
୨· ମଧୁର ସଂପର୍କ ୫
୩· ଅତିରୁ ଇତି ୬
୪· ବୁଦ୍ଧିର ଆବଶ୍ୟକତା ୬
୫· ମର୍ଯ୍ୟଦା ହତ୍ୟା ୭
୬· ଅଣ ଲେଉଟା ୧୩
୭· ଶ୍ରୀ ଗଣେଶ ଜଣାଣ ୧୩
୮· ଜୀବନ ଜଂଗଲ ୧୪
୯· ଶ୍ରୀ ଶ୍ରୀ ଗଣେଶ ବନ୍ଦନା ୧୫
୧୦· ଅଭିଳାଷା ୧୫
୧୧· ସେଦିନ ଓ ଆଜି ୧୬
୧୨· ଆମ୍ଭ ନିବେଦନ ୧୬
୧୩· ମୋ ପରିବାର ୧୭
୧୪· ଯୁଗାବତାର ୧୮
୧୫· ଓଡ଼ିଶାର ସଂସ୍କୃତି ୨୦
୧୬· ଅନୁଭୂତି ଛାତ୍ର ଜୀବନର ୨୩
୧୭· ପୂର୍ଣ୍ଣ ସତ୍ୟ ୨୪
୧୮· ଅପୂର୍ଣ୍ଣରେ ପୂର୍ଣ୍ଣ ୨୯
୧୯· ସଂସାର ୩୦
୨୦· ପ୍ରଶ୍ନ ୩୧
୨୧· କାହାଣୀ ୩୧
୨୨· ଜୀବନ ୩୨
୨୩· ଦୂରତା ୩୩
୨୪· ଅଭି ନନ୍ଦନ ୩୩
୨୫· ମହାସପ୍ତମୀ ଚନ୍ଦ୍ରଭାଗା ୩୪
୨୬· ତଥାପି ଆଶା ଅଛି ୩୫
୨୭· ହୃଦୟ କଣିକାଏ ୩୮
୨୮· ସରୁ ଚକୁଳି ପିଠା ୩୯

**English Section**

୨୯· My Teacher ୪୧
୩୦· Life Accountancy ୪୧
୩୧· The Concept of Going Green and Green Fuel ୪୩
୩୨· Foods Help Relieve Constipation ୪୫
୩୩· The Commandments to follow in life ୪୫
୩୪· Physical Fitness and Sports ୪୬
୩୫· Obesity and Weight Control ୪୭
୩୬· Fish Special ୪୮

# ସଭାପତିଙ୍କ କଲମରୁ ............

ଗଣେଷ ପୂଜାର ଶୁଭ ଅବସରରେ ମୁଁ ମହୋଦଧି ପରିବାରର ସମସ୍ତ ଭାଇ ଭଉଣୀ ଏବଂ କୁନି କୁନି ପିଲାମାନଙ୍କୁ ମୋ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ଆନୁଷ୍ଠାନିକ ପୂଜା ଆରାଧନା ଅବସରରେ ମୁଁ ଅତ୍ୟନ୍ତ ଖୁସି ଯେ ମହୋଦଧିର ମୁଖପତ୍ରର ନବମ ସଂସ୍କରଣ ଉନ୍ମୋଚନ ହେବାକୁ ଯାଉଛି । ବଡ ଗର୍ବର କଥା ଯେ ବିଗତ ଆଠ ବର୍ଷଧରି ଏହି ମୁଖପତ୍ର ନିୟମିତ ଭାବରେ ପ୍ରକାଶ ହୋଇଆସୁଅଛି । ମହୋଦଧିର ସମସ୍ତ ସଦସ୍ୟମାନଙ୍କ ଆନ୍ତରିକ ଉଦ୍ୟମଯୋଗୁ ଏହି ପ୍ରକାଶନଗୁଡିକ ସଂଭବ ହୋଇ ପାରିଛି । ସେମାନଙ୍କର ସକ୍ରିୟ ସହଯୋଗ ବିନା ଏହି ପ୍ରକାଶନ ଗୁଡିକ ସଫଳତା ହାସଲ କରିପାରିନଥାନ୍ତା । ମୁଁ ମର୍ମେ ମର୍ମେ ଅନୁଭବ କରିଛି ଯେ ଆମ ପରିବାରର ପିଲାମାନେ ଏହି ମୁଖପାତ୍ର ମାଧ୍ୟମରେ ନିଜନିଜର ଭାବ ବ୍ୟକ୍ତ କରିବାପାଇଁ ବିଶେଷ ଆଗ୍ରହ ଦେଖାଇ ଆସିଛନ୍ତି । ମୁଁ ମହୋଦଧି ପରିବାରର ସମସ୍ତ ସଦସ୍ୟମାନଙ୍କୁ ସେମାନଙ୍କର ଆନ୍ତରିକ ଉତ୍ସାହ ଏବଂ ଆଗ୍ରହ ପାଇଁ କୃତଜ୍ଞତା ଜ୍ଞାପନ କରୁଛି । ମୁଁ ମଧ୍ୟ ସେହି ବଂଧୁମାନଙ୍କ ପ୍ରତି ଆଭାର ପ୍ରକଟ କରୁଛି ଯେଉଁମାନେ ସୁଦୂର ଓଡିଶାରେ ରହିମଧ୍ୟ ତାଙ୍କର ନିଜନିଜର ଚିନ୍ତାଧାରା ତାଙ୍କର ପ୍ରବନ୍ଧ ଏବଂ ଲେଖା ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ ମୋର ବକ୍ତବ୍ୟକୁ ଟିକିଏ ଆଗକୁ ବଢାଇ କହିବାକୁ ଚାହୁଁଛି ଯେ ମହୋଦଧି ଗୋଟିଏ ସାମାଜିକ ସାଂସ୍କୃତିକ ସଂସ୍ଥା ହିସାବରେ ସୁଦୂର ଦିଲ୍ଲୀରେ ତାର ଉତ୍ତୋରତ୍ତର ଉନ୍ନତି କରୁ ଏହା ମୋର ଆନ୍ତରିକ କାମନା । ତା ନୁହେଁ ଯେ ମହୋଦଧିର କାର୍ଯ୍ୟକଳାପ ଓ ଐତିହକୁ ନେଇ ମୁଁ ସନ୍ଦିହାନ । ବାସ୍ତବରେ ମହୋଦଧିର ସଂସ୍ଥାକୁ ଏକ ନୂଆରୂପ ଦେବାପାଇଁ ଯେଉଁଭାବେ ଉତ୍ସାହ ଦେଖାଇଛନ୍ତି ତାହା ବାସ୍ତବରେ ସରାହନୀୟ । ମହୋଦଧିର ସୀମିତ ସମ୍ବଳ ସତ୍ତ୍ୱେ ଗଣେଷ ଏବଂ ସରସ୍ୱତୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା, ହୋଲି ସମୟରେ ବଂଧୁମିଳନ କରିବା ଏବଂ ମହୋଦଧିର ସଦସ୍ୟମାନଙ୍କର ଭଲମନ୍ଦ ସମୟରେ ଏକତ୍ରିତ ହେବା ମହୋଦଧିର ଆନ୍ତରିକ ଶକ୍ତି ଏବଂ ବଳିଷ୍ଠ ସାଂସ୍କୃତିକ ପରମ୍ପରାର ରକ୍ଷାକରିବା ପ୍ରମାଣ ଦେଉଛି । ଏହା ଅତ୍ୟନ୍ତ ଖୁସିର ବିଷୟଯେ ପ୍ରତିବର୍ଷ ମହୋଦଧି ତରଫରୁ ଗଣେଷପୂଜା ଓ ସରସ୍ୱତୀ ପୂଜା କରିବା ଏବଂ ବଣଭୋଜି କରିବା କାର୍ଯ୍ୟକ୍ରମ ଚାଲୁ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ଏହି ଅବସରଗୁଡିକୁ କେବଳ ମହୋଦଧିର ସଦସ୍ୟମାନେ ନୁହେଁ ଅନ୍ୟ ଓଡିଆ ଓ ଅଣଓଡିଆ ବଂଧୁମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହିତ ଅପେକ୍ଷା କରି ରହିଥାଆନ୍ତି ଏବଂ ସେଗୁଡିକରେ ଭାଗନେଇ ମହୋଦଧିର ଉଦ୍ୟମକୁ ପ୍ରଶଂସାକରି ନିଜନିଜର ସନ୍ତୋଷ ପ୍ରକାଶ କରିଥାନ୍ତି ।

ମୁଁ ମହୋଦଧିର ସମସ୍ତ ଭାଇଭଉଣୀମାନଙ୍କୁ ନିବେଦନ କରିବି ଯେ ସେମାନେ ମହୋଦଧି ପ୍ରତି ସେମାନଙ୍କର ସ୍ନେହ ଏବଂ ଶ୍ରଦ୍ଧା ନିରବଛିନ୍ନ ଭାବେ ଚାଲୁ ରଖିଥାନ୍ତୁ । କେବଳ ସେତିକି ହିଁ ମହୋଦଧିକୁ ସୁଦୂର ଦିଲ୍ଲୀରେ ତାର ଗନ୍ତବ୍ୟପଥରେ ସାମାଜିକ, ସାଂସ୍କୃତିକ ପରମ୍ପରାର ଚେତନା ସୃଷ୍ଟିକରିବାରେ ସହାୟକ ହେବ ।

*ସମରେନ୍ଦ୍ର ସାହୁ*
*J-3/2, M.S. Flat, Sector-13,*
*R. K. Puram, New Delhi*

# ସମ୍ପାଦକଙ୍କ ବିବରଣୀ.....

ଦିଲ୍ଲୀର ପ୍ରବାସୀ ଓଡିଆ ଭାଇ ଭଉଣୀମାନଙ୍କ ଅଦମ୍ୟ ପ୍ରଚେଷ୍ଟାରୁ ସୃଷ୍ଟି **"ମହୋଦଧି"** ଏକ ସାମୁହୀକ ଅନୁଷ୍ଠାନ । ଓଡିଶାର ପରମ୍ପରା, ଐତିହ୍ୟ ଓ ପର୍ବପର୍ବାଣୀଗୁଡିକୁ ପ୍ରବାସୀ ଓଡିଆ ମାନଙ୍କ ମଧ୍ୟରେ ପ୍ରଚ୍ଚର ଓ ପ୍ରସାର କରିବା ସଙ୍ଗେ ସଙ୍ଗେ ଓଡିଶା ପ୍ରଦେଶରୁ ଦୂରରେ ଥିବା ଯୁବକ ଯୁବତୀ ଏବଂ ଶିଶୁମାନଙ୍କ ହୃଦୟରେ ଜନ୍ମମାଟି ପ୍ରତି ଶ୍ରଦ୍ଧା ଓ ଅନୁରକ୍ତି ଉଦ୍ରେକ କରିବା ଦିଗରେ ଏ ଅନୁଷ୍ଠାନ କାର୍ଯ୍ୟ କରି ଆସୁଛି ।

ମହୋଦଧି ପ୍ରତିବର୍ଷଭଳି ଗଲାବର୍ଷମଧ୍ୟ ଗଣେଷପୂଜା ସରସ୍ୱତୀ ପୂଜା ଏବଂ ହୋଲି ଉତ୍ସବ ପାଳନ କରିଥିଲା । କେତେଗୋଟି ବନ୍ଧୁମିଳନ ସହିତ ଗୋଟିଏ ବଣଭୋଜିର ମଧ୍ୟ ଆୟୋଜନ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ମହୋଦଧିର ସଦସ୍ୟ ଏବଂ ତାଙ୍କ ପରିବାର ବର୍ଗଙ୍କ ନିମନ୍ତେ ଏକ କ୍ରୀଡ଼ା ପ୍ରତିଯୋଗୀତାର ଆୟୋଜିତ ହୋଇଥିଲା ।

ଏ ପର୍ଯ୍ୟନ୍ତ ମହୋଦଧିର ଆଠଗୋଟି ସ୍ମରଣୀକା ପ୍ରକାଶ ପାଇ ସାରିଲାଣି ଏବଂ ଏହାର ନବମ ଅଙ୍କ ଆଜି ଗଣେଷ ଚତୁର୍ଥୀ ଦିବସରେ ଉନ୍ମୋଚିତ ହୋଇଅଛି ।

ମହୋଦଧି ଏକ କଲ୍ୟାଣକାରୀ ଅନୁଷ୍ଠାନ । ଏହାର ଅଭିବୃଦ୍ଧି ଓ ଉତ୍ତୋରତ୍ତର ଉନ୍ନତି ଆମ ସମସ୍ତଙ୍କର ସାହାଯ୍ୟ, ସହାନଭୂତି ଉପରେ ନିର୍ଭର କରେ । ଆଶା କରୁକି ଆପଣମାନଙ୍କର ସ୍ନେହ, ସହାନୁଭୂତି, ସଦିଚ୍ଛା, ସହଚର୍ଯ୍ୟ ଓ ଆଶୀର୍ବାଦକୁ ପାଥେୟ କରି ଏ ଅନୁଷ୍ଠାନ ଆଗକୁ ବଢି ଚ୍ଲିବ ।

**୨୦୧୨-୧୩ ପାଇଁ ନିମ୍ନଲିଖିତ କର୍ମକର୍ତ୍ତା (Geverning Body) ନିର୍ବାଚିତ ହୋଇ ଅଛନ୍ତି ।**

| ପଦ | ନାମ |
|---|---|
| **ଉପଦେଷ୍ଟା ମଣ୍ଡଳୀ** | ଶ୍ରୀ ଅଶୋକ କୁମାର ମହାପାତ୍ର |
| | ଶ୍ରୀ ହୃଷୀକେଶ ପାଣି |
| | ଡ଼ଃ ନବ କୁମାର ସାହୁ |
| | ଶ୍ରୀ ଶ୍ରୀକର ନାଏକ |
| | ଶ୍ରୀ ଦିପ୍ତିରଂଜନ ମହାନ୍ତି |
| | ଶ୍ରୀ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ |
| | ଶ୍ରୀ କୈଳାଶ ଚନ୍ଦ୍ର ଦଳବେହେରା |
| | ଶ୍ରୀ ମହେନ୍ଦ୍ର ପାତ୍ର |
| | ଶ୍ରୀମତୀ ପଦ୍ମଜା ପଟ୍ଟନାୟକ |
| **ସଭାପତି** | ଶ୍ରୀ ସମରେନ୍ଦ୍ର ସାହୁ |
| **ଉପ ସଭାପତି** | ଡକ୍‌ଟର ରାସବିହାରି ଦାସ |
| | ଶ୍ରୀମତୀ କବିତା ଭୂଜବଳ |
| **ସାଧାରଣ ସମ୍ପାଦକ** | ଡ଼ଃ ରମେଶ ଚନ୍ଦ୍ର ଦେ |
| **ସହ ସମ୍ପାଦକ** | ଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ |
| **କୋଷାଧ୍ୟକ୍ଷ** | ଶ୍ରୀ ବିଜୟ କୁମାର ଦାସ |
| **ସଦସ୍ୟ** | ଶ୍ରୀମତୀ ପ୍ରିୟମ୍ବଦା ପାଣି |
| | ଶ୍ରୀମତୀ ସୁଷମା ଦେ |
| | ଶ୍ରୀମତୀ ଜ୍ୟୋସ୍ନା ସାହୁ |
| | ଶ୍ରୀମତୀ ପ୍ରଣିତା ମିଶ୍ର |
| | ଶ୍ରୀମତୀ ଉର୍ମୀ ନାୟକ |
| | ଶ୍ରୀମତୀ ଅର୍ଚ୍ଚନା ସାହୁ |
| | ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ |
| | ଶ୍ରୀମତୀ କବିତା ନାୟକ |
| | ଶ୍ରୀ ଆଲୋକ ସାମନ୍ତରାୟ |
| | ଶ୍ରୀ ସୁବାଶ ଚନ୍ଦ୍ର ମଲ୍ଲିକ |
| | ଶ୍ରୀ ଏସ୍.କେ. ରାୟମହାପାତ୍ର |
| | ଶ୍ରୀ ସତ୍ୟଜିତ୍ ମିଶ୍ର |
| | ଶ୍ରୀ ବ୍ୟାସଦେବ ନାୟକ |
| | ଶ୍ରୀ ଦିନଦୟାଲ ଦେବବର୍ମା |
| | ଶ୍ରୀ ହେମନ୍ତ କୁମାର ପଟ୍ଟନାୟକ |
| | ଶ୍ରୀମତୀ ଦିପ୍ତୀ ମହାପାତ୍ର |
| | ଶ୍ରୀମତୀ ମନିଷା ମହାରଣା |
| | ଶ୍ରୀମତୀ ରୋଜାଲିନ ରାଉତରାୟ |

# ଆହେ ପ୍ରଭୁ ବଦ୍ରିନାଥ

ଶ୍ରୀମତୀ ସୁଷମା ଦେ

ବଦ୍ରିକାରେ ବାସ ପ୍ରଭୁ
ବଦ୍ରି ନାରାୟଣ,
ପ୍ରତ୍ୟକ୍ଷ ଈଶ୍ୱର ବୋଲି
ଅଛି ତ ପ୍ରମାଣ ।
ଉତ୍ତରା ଖଣ୍ଡ ପ୍ରଦେଶେ
ସ୍ଥିତି ଆଦୋରିଲ,
ତେତ୍ରିଶ କୋଟି ଜୀବଙ୍କ
ବାଞ୍ଛା ପୂର୍ଣ୍ଣ କଲ ।
ବର୍ଷକରେ ଛଅ ମାସ
ଦର୍ଶନ ଦେବାରେ,
ବିଜେ ହୋଇ ଥାଅ ହରି
ଗିରି ଗହ୍ୱରରେ ।
ଅକ୍ଷୟ ତୃତୀୟା ଠାରୁ
ଯାତ୍ରୀ ଆଗମନ,
ଆବାଳ ବୃଦ୍ଧ ବନିତା
ଧନୀ ଓ ନିର୍ଦ୍ଧନ ।
ଦୀପାବଳୀ ଆଗମନେ
ମନ୍ଦିର କବାଟ,
ପହଡ଼ ପଡ଼ିଣ ବନ୍ଦ
ହୋଇଯାଏ ବାଟ ।
ସବୁର କାରଣ ତୁମ୍ଭେ
ଅଟ ଅନ୍ତର୍ଯ୍ୟାମୀ,
ତୁମ୍ଭ ବିନୁ ଆନଗତି
ନାହିଁ ଆହେ ସ୍ୟାମୀ ।
ଅକିଞ୍ଚନେ ସାହାହେଲ
ଭକତ ବତ୍ସଳ,
ଯେଣୁ ପ୍ରାପ୍ତି ହେଲା ମୋତେ
ତବ ପିଠସ୍ଥଳ ।
ସ୍ୱାମୀ, ପୁତ୍ର ଘେନି ସଙ୍ଗେ
ଆଉ ପରି ଜନେ,
ଅବିଳମ୍ବେ ପହଞ୍ଚିଲି
ତବ ସନ୍ନି ଧାନେ ।
ତପ୍ତ କୁଣ୍ଡେ ସ୍ନାନ ସାରି
ଗମିଲି ବହନ,
ତୃପ୍ତ ହେଲା ଆତ୍ମା ମୋର
ପାଇ ତୋ ଦର୍ଶନ ।
ପ୍ରଭାତ ଆଳତୀ ତବ
ଅତି ମନଲୋଭା,
ପବିତ୍ର ହେଲା ଲୋଚନ
ଦେଖି ସେହି ଶୋଭା ।
ପ୍ରସାଦ ସେବନେ ମେଣ୍ଟି
ଗଲା ଭୋକ, ଶୋଷ,
ଚରଣାମୃତ ଲଭିଣ
କ୍ଳାନ୍ତି ହେଲା ଶେଷ ।
କରୁଛି ପ୍ରାର୍ଥନା ଆହେ
ବିପଦ ଭଞ୍ଜନ,
ଜୀବ ମୋର ଯାଉ ଜପି
ନାମ ସଂକୀର୍ତ୍ତନ ।

ଡି. ୧. ୨. ୧୧, ଲୋଧି କଲୋନୀ,
ନୂଆ ଦିଲ୍ଲୀ- ୧୧୦୦୦୩

# ମଧୁର ସଂପର୍କ

ପ୍ରିୟମ୍ବଦା ପାଣି

ଜଣେ ଆଧୁନିକ ଶାଶୁ ତାଙ୍କର ବୋହୁକୁ ବହୁତ ଆଦରରେ ସହିତ କହିଲେ ଯେ; ମୋତେ ତୁ ନିଜର ଶାଶୁ ବୋଲି ନଭାବି ମିତ୍ର ବୋଲି ଭାବିବୁ । ଏହା ଶୁଣି ବୋହୁ ତତ୍‌କ୍ଷଣାତ୍ ଉତ୍ତରରେ କହିଲା, ମତେ ଆପଣଙ୍କର ମିତ୍ରତା ଦରକାର ନାହିଁ, ଆପଣ ନିଜର ବନ୍ଧୁତା ପାଇଁ ଆପଣଙ୍କ ବୟସର ଗୋଟିଏ ବନ୍ଧୁ ବାଛି ନିଅନ୍ତୁ ।

ଏଇଟା କିଛି ମଜା କଥା ନୁହେଁ । ଏହା ଶାଶୁ ଓ ବୋହୁଙ୍କର ବଦଳି ଥିବା ସମ୍ବନ୍ଧର ଗୋଟିଏ ପ୍ରତି ଛବି ମାତ୍ର, ଭାରତୀୟ ପରିବାରରେ ଆଜି ସବୁଠୁ ବେଶି ଝଗଡ଼ା ଏହି ଶାଶୁ ବୋହୁକୁ ନେଇ ହିଁ ଦେଖାଦେଉଛି । ଯୌତୁକ ନିର୍ଯାତନା ପାଇଁ ହୋଇଥିବା ନିୟମର ସଦ୍‌ଉପଯୋଗ କିମ୍ବା ଦୁର୍ପୋୟପଯୋଗ, ଏମିତି କୌଣସି ବିଷୟ ଶାଶୁ ନଣନ୍ଦ ବିନା ପୂରା ହୋଇନଥାଏ । ଆଧୁନିକ ଯୁଗର ସ୍ୱାଧୀନ ନାଗରିକ ଭାବରେ ବୋହୁମାନେ ବହୁତ କ୍ଷିପ୍ର ଗତିରେ ବଦଳୁ ଅଛନ୍ତି, କିନ୍ତୁ ଶାଶୁମାନେ ସେମାନଙ୍କୁ ଘର କଣରେ ନୂଆବୋହୁ ଭାବରେ ଦେଖିବାକୁ ଚାହାଁନ୍ତି ।

ଶାଶୁ ଓ ବୋହୁର ସମ୍ବନ୍ଧ ପ୍ରାକୃତିକ ନୁହେଁ । ଏହା ସାମାଜିକ ଭାବରେ ଲଦି ଦିଆଯାଇଥାଏ । କୌଣସି ବି ଝିଅ ଶାଶୁ ପାଇଁ ବିବାହ କରି ନଥାଏ । ସିଏ ନିଜର ସ୍ୱାମୀ ସହିତ ଘର ବସାଇବାକୁ ଚାହିଁଥାଏ, ବିବାହ ପରେ ସ୍ୱାଭାବିକ ଭାବରେ ପୁଅ ପାଖରେ ମା’ ପାଇଁ ଆଗଭଳି ଆଉ ସମୟ ନଥାଏ । ସେ ଆଗଭଳି ମାପାଖରେ ବସି ଘଣ୍ଟା ଘଣ୍ଟା କଥା ବାର୍ତ୍ତା କରି ପାରି ନଥାଏ । ମା’କୁ ପଚାରି ବନ୍ଧୁତା କିମ୍ବା ଝଗଡ଼ା ଅବା ଚାକିରି କରିନଥାଏ । ମା’କୁ ପଚାରି ଡ୍ରାଇଭିଙ୍ଗ୍ କିମ୍ବା ପିକ୍‌ନିକ୍ କରିବାକୁ ଯାଇନଥାଏ । ତେଣୁ ସେ ବୋହୁ ରୂପରେ ସାରା ଦିନ ପାଇଁ ଗୋଟିଏ ଖେଳଣା ଦେଇଦେଇଥାଏ । କିନ୍ତୁ ବୋହୁ ଶାଶୁର ଅଧୀନରେ ସେତେବେଳେ ରହିବା ପାଇଁ ଚାହେଁ ଯେତେବେଳେ ସେ ଜାଣେ ଯେ ସେ ଶାଶୁଙ୍କ ଉପରେ ଆର୍ଥିକ ଭାବରେ ନିଭର ଶୀଳ । କିନ୍ତୁ ଆଜିକା ଯୁଗରେ ଶାଶୁ ବୋହୁଙ୍କର ସମ୍ବନ୍ଧକୁ ନେଇ କେବଳ ଶାଶୁକୁ ଦୋଷୀ କରିବା ଠିକ୍ ହବନି । ବୋହୁର ପାର–ରିକ ଛବି ନଜର ହଟାଇ ସମସ୍ତଙ୍କର ନଜରକୁ ବଦାଳାଇବା ପାଇଁ ପଡ଼ିବ । ଗୋଟେ ପୁଅ ଯେତେବେଳେ ନିଜପାଇଁ ଗୋଟେ ଝିଅ ପସନ୍ଦ କରି ମା’ ବାପାଙ୍କର ଅନୁମତି ନେବାକୁ ଯାଇଥାଏ ସେତେବେଳେ ସେ କେବେ ଭାବି ନଥାଏ ଯେ ସେ ତାକୁ ରୋଷେଇ କରିବା କିମ୍ବା ଘର ସମ୍ଭାଳିବା ପାଇଁ ଆଣିନାହିଁ ବୋଲି ।

ଆଜିକା ଯୁଗରେ ବିବାହ ପରେ ଶାଶୁ ଯଦି ନିଜର ଚାକିରିଆ ବୋହୁକୁ ଡ଼ାକି କହେ ଯେ ବୋହୁ ତୁ ଆ ଆଜି ମୁଁ ତୋତେ ବଢ଼ିଆ ଭାବରେ ରୋଷେଇ ଶିଖାଇ ଦେବି, ଠିକ୍ ସେତିକି ବେଳେ ଯଦି ବୋହୁ ସ୍ୱାମୀକୁ ଡ଼ାକି କହେ ଯେ ଆସ ଆସ ମା କେମିତି ରୋଷେଇ କରୁଛନ୍ତି ଟିକେ ଭଲଭାବରେ ଶିଖ ଏବଂ ରବିବାର ଦିନ ଘରେ ରୋଷେଇ କରି ଘରେ ସମସ୍ତଙ୍କୁ ଖୁଆଇବ । ତେବେ ଏଥିରେ ଭୁଲ ରହିଲା କୋଉଁଠି ? ପ୍ରକୃତରେ ଅସଲ ସମସ୍ୟା ହେଉଛି ମଣିଷର ମନରେ । ପୁରୁଷ ପ୍ରାଧାନ ଦେଶରେ ମନୁଷ୍ୟ ସହଜରେ ଗ୍ରହଣ କରିପାରେନି ଯେ ସ୍ତ୍ରୀ ବସିବ ଏବଂ ପୁରୁଷ ଘରେ ରୋଷେଇ କରି ସମସ୍ତଙ୍କୁ ଖାଇବାକୁ ଦେବା, ସ୍ପଷ୍ଟ ହୋଇଯିବା ଉଚିତ୍ ଯେ ସ୍ତ୍ରୀ କିମ୍ବା ବୋହୁ କୋଉଥିପାଇଁ ଦରକାର । ଯଦି ଘରକାମରେ ନିପୁଣା ହୋଇଥିବା ବୋହୁ ଦରକାର, କମ୍ ପଢ଼ିଥିଲେ ମଧ୍ୟ ଶାଶୁଘରର ଲୋକମାନେ ଏଥିରେ ସମ୍ମତ ହେବା କଥା । କାରଣ ଏକ ପକ୍ଷରେ ଜଣେ ଶାଶୁଙ୍କର ଆଜ୍ଞା କାରିଣୀ ବୋହୁ ହୋଇ ଅପର ପକ୍ଷରେ ନିଜର କ୍ୟାରିଅର୍ ଉପରେ ମହତ୍ତ୍ୱାକାଂକ୍ଷୀ କେବେ ହୋଇ ନପାରେ ।

ଆଜିକାଲି ଯୁଗକୁ ଚାହିଁ ଝିଅମାନେ ବହୁତ ବଦଳିଛନ୍ତି , ବହୁତଭଲଭାବରେ ବଦଳିଛନ୍ତି । ସେମାନେ ନୂଆ ଦୁନିଆଁ ଦେଖୁଛନ୍ତି । ନୂଆ ଯୁଗକୁ ନେଇ ସେମାନଙ୍କ ର ଆଶା । ସେମାନେ ନିଜେ ଆତ୍ମାନିର୍ଭର ଶୀଳ ହେଉଛନ୍ତି ବା ହେବାକୁ ଚାହୁଁଛନ୍ତି । ଯଦି, ସେମାନେ ଶାଶୁଙ୍କ ପାଖରେ ରହିବା ପାଇଁ ସହଜ ଓ ସୁରକ୍ଷିତ ମନେ କରୁଛନ୍ତି ତ ନିଶ୍ଚୟ ରହିବା ଉଚିତ୍ । ଯଦି ତା ନୁହେଁ ତେବେ ସେମାନେ କଣ ଅଧୀନତା ସ୍ୱୀକାର କରିବା ଉଚ଼ିତ୍ କି ?

କ୍ୱା. ନ. ଜେ- ୬/୩, ଏମ୍. ସ୍. ଫ୍ଲାଟ୍ ସେକ୍ଟର - ୧୩,
ରାମକୃଷ୍ଣ ପୁରମ୍ , ନୂଆଦିଲ୍ଲୀ - ୧୧୦୦୬୬

# ଅତିରୁ ଇତି

ପ୍ରଣୀତା ମିଶ୍ର,

ଅତି ଲୋଭ କଲେ ନ ରହିବ ଚ଼ିର କାଳ,
ଅତି ରସ ଆହାରେ ବ୍ୟାଧି ହୁଏ ମୂଳ ।

ଅତି ସ୍ନେହ କଲେ ଦୁଃଖ ଅବଶ୍ୟଟି ପାଇ,
ଅତି ଲାଭ ବାଣିଜ୍ୟରେ ପାପ ଜାତ ହୋଇ ।

ଅତି ବୁଦ୍ଧି ହେଲେ ବୁଡ଼େ ଅଳପକ ହେତୁ
ଅତି ଶୋଭା ନିଜକୁ ଯେ ଅଣ୍ଟେ ହୁଏ ମୃତ୍ୟୁ ।

ଅତିହିଁ ଧର୍ମ କଲେ ନସହେ ମହୀସ୍ଥଳୀ
ଅତି କଳକନ୍ତ ଯେ ଅଳ୍ପକେ ଯାଏ ଟଳି ।

ଅତିଗର୍ବେ ରାବଣର ଲଙ୍କା ହେଲା ହତ
ଅତିମାନେ ଦୁର୍ଯ୍ୟୋଧନ ବଉଁଶ ନିପାତ ।

ଅତି ହିଁ କଷିଲେ ସୁନା ହୁଅଇ ପିତଳ
କହନ୍ତି ଯେ ବେଦବ୍ରହ୍ମା ଶୁଣହେ ସକଳ ।

ଏଣୁକରି ଭଲ ଅବା ମନ୍ଦ କଥା ହେଉ
ଅତିଶୟ ଆଚ଼ରଣେ ଅହିତକୁ ଯାଉ ।

# ବୁଦ୍ଧିର ଆବଶ୍ୟକତା

ପ୍ରଣୀତା ମିଶ୍ର,

ବୁଦ୍ଧି ବିହୀନରେ ବିଦ୍ୟା ହୁଅଇ ଅପୂଜା,
ବିଦ୍ୟା ବିହୀନରେ ପୁତ୍ର ସର୍ବଦା ଅଯୋଗ୍ୟ ।

ବୁଦ୍ଧିବଳ ସବୁଠାରୁ ଅଟଇ ପ୍ରଧାନ,
ବୁଦ୍ଧିବଳେ ହୋଇପାରେ ଅସାଧ୍ୟ ସାଧନ ।

ବିଦ୍ୟାଧନ ଥାଇ ଯାର ବୁଦ୍ଧି ଅଟେ ନ୍ୟୁନ,
କୌଣସି କର୍ମରେ ସିଦ୍ଧି ନ ପାଏ ସେ ଜନ ।

ବିଦ୍ୟାଧନ ନ ଥାଇ ଯେ ଅଟେ ବୁଦ୍ଧିମନ୍ତ,
ଯଶ ପୌରୁଷ ସମ୍ମାନ ହୁଏ ତାକୁପ୍ରାପ୍ତ ।

ବୁଦ୍ଧିବଳେ ଲୋକଙ୍କୁ ସେ କହିପାରେ ବଶ,
ବୁଦ୍ଧିବଳେ ଅର୍ଜେ ଧନ ସ-ଦ ବିଶେଷ ।

ବୁଦ୍ଧିହୀନ ହେଲେ ବିଦ୍ୟାଧନ କମିଯାଏ,
ବୁଦ୍ଧିଆ ଜିଣଇ ସଭା ମଧ୍ୟ ଯିଏ ଥାଏ ।

ବୁଦ୍ଧି ଅଟେ ସବୁ କଥା ମଧ୍ୟେ ସାର,
ବୁଦ୍ଧି ନଥିଲେଟି ସବୁ ହୁଏ ନାରଖାର ।

**D - 202, P. V. H.**

❖ ❖ ❖

# ମର୍ଯ୍ୟଦା ହତ୍ୟା

ଡଃ ରମେଶ ଚନ୍ଦ୍ର ଦେ

ଜୀବଜଗତରେ ମାନବ ଏକ ସାମାଜିକ ପ୍ରାଣୀ । କେଉଁ ଆଦିମ ଯୁଗରୁ ମଣିଷ ସଂଘବଦ୍ଧ ହୋଇ ଜୀବନ ନିର୍ବାହ କରି ଆସୁଛି । ଭିନ୍ନ ଭିନ୍ନ କର୍ମରେ ନିବୃତ ରହି ଏଇ ମଣିଷ ହିଁ ସୃଷ୍ଟି କରିଛି ଜାତି ପ୍ରଥା । କେବଳ ସେତିକି ନୁହେଁ, ବିଭିନ୍ନ ଧର୍ମଗୁରୁଙ୍କ ପ୍ରଭାବରେ ଆକୃଷ୍ଟ ହୋଇ ସେହି ମଣିଷ ହିଁ ଜନ୍ମ ଦେଇଛି ଅନେକ ସଂପ୍ରଦାୟ । କିନ୍ତୁ ଆମେ ଯଦି ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କୁ ସଂପୂର୍ଣ୍ଣ ବିଶ୍ୱାସ କରିବା, ତେବେ ଆମ ସମ୍ମୁଖରେ ଭାସିଉଠିବେ ଦୁଇପ୍ରକାରର ମଣିଷ, ସେମାନେ ହେଲେ ପୁରୁଷ ଓ ନାରୀ । ଆପଣ ସେମାନଙ୍କୁ ଜାତିଭେଦ କିମ୍ବା ଧର୍ମ ଓ ସଂପ୍ରଦାୟ ଭେଦରେ ମାତ୍ର ଦୁଇଭାଗରେ ବିଭକ୍ତ କରି ପାରିବେ । କିନ୍ତୁ ସର୍ବଗୁଣ ସଂପନ୍ନ ମଣିଷ, ଜ୍ଞାନର ଚରଣ ସୀମାରେ ପହଞ୍ଚି ପାରିଥିଲେ ମଧ୍ୟ ଆଧୁନିକ ଯୁଗରେ ସୃଷ୍ଟିକର୍ତ୍ତାଙ୍କ ଆଭିମୂଖ୍ୟ ହୃଦୟଙ୍ଗମ କରିବାରେ ଅସମର୍ଥ । ଏଣୁ, ଆଜିର ମଣିଷ ଯେ କେବଳ ହିନ୍ଦୁ, ମୁସଲମାନ, ଶିଖ୍ ଓ ଇସାହି ସଂପ୍ରଦାୟର, ତାହା ନୁହେଁ, ଆଜି କିଏ ବ୍ରାହ୍ମଣ ତ ଆଉ କିଏ କ୍ଷତ୍ରୀୟ, କିଏ ବୈଶ୍ୟ ଜାତିର ତ କିଏ ଶୁଦ୍ର । ଏତିକିରେ ଜାତି ପ୍ରଥାର ସମାପ୍ତ ହୋଇ ନାହିଁ । ପୃଥକ କର୍ମରେ ସଂଶ୍ଳିଷ୍ଟ ଥିବା ବିଭିନ୍ନ ଜାତିର ମଣିଷ ମଧ୍ୟରେ କିଏ ଉଚ୍ଚ ଶ୍ରେଣୀଭୁକ୍ତ ତ ଆଉ କିଏ ନିଚ୍ଚ ଶ୍ରେଣୀଭୁକ୍ତ । ପୁନଶ୍ଚ, ନିଚ୍ଚ ଶ୍ରେଣୀରେ ଥିବା ଲୋକଙ୍କ ମଧ୍ୟରେ କିଏ ହରିଜନ ତ ଆଉକିଏ ଗିରିଜନ । ଏହିସବୁ ସାଂପ୍ରଦାୟିକ ଚିନ୍ତାଧାରା ଭଗବାନଙ୍କ ଅନବଦ୍ୟ ସୃଷ୍ଟି ମଣିଷକୁ କାଳକ୍ରମେ ବିଚ୍ଛିନ୍ନତା ବାଦୀ ଏବଂ ଅହଂକାରୀରେ ପରିଣତ କରୁଛି । ଏସବୁକୁ, ଜ୍ଞାନ ଗାରିମା ସଂପନ୍ନ ମଣିଷ ଯଦି ଏବେଠାରୁ ମୁଳୋ-ତ୍ପାଟନ ନକରେ, ତେବେ ହୁଏତ ଆଗାମୀ ଦିନ ଗୁଡ଼ିକରେ ପରମାତ୍ମାଙ୍କର ଏହି ଅଭିନବ ସୃଷ୍ଟିର ଅବକ୍ଷୟ ଘଟି ଚାଲିବ ଏବଂ ହୁଏତ ଭବିଷ୍ୟତରେ ମଣିଷ ସମାଜର ସଂପୁର୍ଣ୍ଣ ବିଲୋପ ଘଟିବ । ବର୍ତ୍ତମାନ ସମାଜରେ ଘଟିଆସୁଥିବା ବିଭିନ୍ନ ଧରଣର ଅଘଟଣ ଗୁଡ଼ିକ ମଧ୍ୟରୁ, ବିଶେଷ କରି ଉତ୍ତର ଭାରତରେ ପ୍ରସିଦ୍ଧି ଲାଭ କରିଥିବା ମର୍ମସ୍ପର୍ଶୀ କାହାଣୀ ଉପରେ ଆଧାରିତ ମୋର ଏହି ଛୋଟଗଳ୍ପ, ମର୍ଯ୍ୟଦା ହତ୍ୟା (Honour Killing) ଆପଣମାନଙ୍କୁ ସମର୍ପଣ କରୁଛି ।

ସୁରେଶ, ପ୍ରତ୍ୟେକ ରବିବାରରେ ପଳାଇ ଆସନ୍ତି ତାଙ୍କ ଗ୍ରାମର ଅନତୀ ଦୂରରେ କୁଳୁ କୁଳୁ ନାଦକରି ବହିଯାଉଥିବା ସୁବର୍ଣ୍ଣରେଖା ନଦୀ କୂଳକୁ । ଆଜି କିନ୍ତୁ ସେ ଘଣ୍ଟାଏ ପୂର୍ବରୁ, ଅର୍ଥାତ ଅପରାହ୍ନ ଦୁଇଟା ତିରିଶ ମିନିଟ୍‌ରେ ଆସି ନଇକୂଳରେ ହାଜର । ତାଙ୍କ ସଙ୍ଗରେ ଲାଙ୍ଗୁଳ ହଲାଇ ଦୌଡ଼ି ଆସିଛି ତାଙ୍କର ଅତି ଅନ୍ତରଙ୍ଗ, ଟିପୁ । ଟିପୁ, କୁକୁରଟିଏ ହେଲେ ବି ସେ ସଦାବେଳେ ତାର ମୁନୀବ, ସୁରେଶ ପାଖରେ ଛାଇପରି ରହିଥାଏ । ସୁରେଶର କୌଣସି ସୁବିଧା ଅସୁବିଧା ହେଲେ ଟିପୁ ଖୁବ୍‌ଜୋରରେ ଭୋକିବା ଆରମ୍ଭକରି ପାଖ ଆଖ ଲୋକଙ୍କୁ ସୁଚନା ଦେଇଦିଏ । ସୁବର୍ଣ୍ଣରେଖା ନଦୀର କାଉ ଆଖିପରି ପାଣି ଏବଂ କୂଳରେ ବାଡ଼େଇ ହେଉଥିବା ଛୋଟ ଛୋଟ ଲହଡ଼ିରର ମନଲୋଭା ଆକର୍ଷଣ ସୁରେଶଙ୍କୁ ମାସର ଏକାଧିକବାର ସେଠାକୁ ଓଟାରି ଆଣେ । କୂଳରେ ପହଞ୍ଚିଲାମାତ୍ରେ ସେ ଆଣ୍ଠୁଏପାଣି ପର୍ଯ୍ୟନ୍ତ ନଇରେ ପଶି ଯାଆନ୍ତି ଓ ପ୍ରଥମେ ଦୁଇ ଆଞ୍ଜୁଳା ପାଣି ଏକ ନିଶ୍ୱାସରେ ପିଇ ନିଅନ୍ତି ଏବଂ ମୁଣ୍ଡରେ ଆଞ୍ଜୁଳାଏ ପାଣି ଢାଳି ଦିଅନ୍ତି, ତାପରେ ଯାଇ କୂଳ ଉପରକୁ ଉଠିଆସି ଆସନ ଜମାଇ ବସନ୍ତି, କୂଳରେ ଦଣ୍ଡାୟମାନ ଥିବା ବିରାଟକାୟ ନିମ୍ବ ଗଛ ମୂଳରେ । ଏହାମଧ୍ୟରେ ଟିପୁ ଗଛର ସୁଶୀତଳ ଛାୟାରେ ଆଖି ବୁଜିହୋଇ ପଡ଼ିରହିଥାଏ । ସେଦିନ ସୁରେଶ ହାତରେ ଧରିତ୍ରୀ ଖବର କାଗଜ ନେଇଆସିବାକୁ ଭୁଲି ନଥିଲେ । ଗଛମୂଳରେ ଚକାପାରି ବସିଯାଇ ପେପରଟିର ପୃଷ୍ଠା ଲେଉଟାଇଲେ ଏବଂ ହେଡ୍‌ଲାଇନ୍ ଗୁଡ଼ିକୁ ପଢ଼ିବାକୁ ଆରମ୍ଭକଲେ । ଦକ୍ଷିଣ ଦିଗରୁ ଶୀତଳ ପବନ ବହି ଆସୁଥାଏ । ଏହା ମଧ୍ୟରେ

ସୁରେଶ କେତେବେଳେ ଶୋଇପଡ଼ିଛନ୍ତି ତାହା ସେ ଜାଣିପାରି ନାହାନ୍ତି ନିଦ୍ରିତାବସ୍ଥାରେ ସେ ଦେଖିଲେ ତାଙ୍କର ଅନିନ୍ଦ୍ୟ ସୁନ୍ଦରୀ ପ୍ରିୟତମା, ଫୁଲେଶ୍ୱରୀଙ୍କୁ । ରୂପଯୌବନ ସଂପନ୍ନ ଫୁଲେଶ୍ୱରୀ ଏକ ସବୁଜ ରଙ୍ଗର ଶାଢ଼ୀ ପରିଧାନକରି ଖିଲିଖିଲି ହସି ହସି ତାଙ୍କୁ ହାତଠାରି ଡାକୁଛନ୍ତି, 'ଆହେ ଶୁଣୁଛ ! କଣ ଏଠାରେ ଏମିତି ବସିରହିଛ, ମୁଁ କେତେବେଳେଠୁ ତୁମକୁ ଅପେକ୍ଷା କରିଛି, ଆସ, ଆମେ ଦୁହେଁ ମିଶି ଏ ପାଣିଭିତରକୁ ପଶିଯିବା । ମୁଁ ପହଁରିବା ଜାଣିଛି, ତମେ ବୁଡ଼ିଗଲେ ମୁଁ ତୁମକୁ ପାଣିରୁ କୂଳକୁ ନେଇ ଆସିବି ।'

ପୁଣି ଫୁଲେଶ୍ୱରୀ କହି ଚାଲିଲା, 'ଦେଖ, ଦେଖ, ପାଣିରେ ଦୁଇଟି ପାଣିକୁଆ ଆନନ୍ଦରେ ପହଁରୁଛନ୍ତି,, ଆମେବି ସେମିତି ପହଁରିବା, ଏଠାରେ କେହି ଆମକୁ ଦେଖିପାରିବେନି । କେବଳ ତୁମେ ମୋତେ ଓ ମୁଁ ତୁମକୁ ଦେଖୁଥିବି, ଆସନା' । ସୁରେଶ ଆଉ ସମ୍ଭାଳିହୋଇ ରହି ପାରିଲେ ନାହିଁ, ସଙ୍ଗେ ସଙ୍ଗେ ଛିଡ଼ା ହୋଇ ଡାହାଣ ହାତ ବଢ଼ାଇ ନିଜ ଜୀବନ ସଙ୍ଗିନୀର ପଣତ କାନି ଧରିବାକୁ ଚେଷ୍ଟା କଲେ । ହେଲେ ଏ କଣ ? ଫୁଲେଶ୍ୱରୀ ସେହିଭଳି ହସିହସି ପଛକୁ ପଛକୁ ପଳାଇ ଯାଉଛି । ଯେତେ ଚେଷ୍ଟା କଲେବି ସେ ତାଙ୍କ ଭାବି ପତ୍ନୀ ପାଖରେ ପହଞ୍ଚି ପାରୁନାହାନ୍ତି । କ୍ରମେ କ୍ରମେ ଫୁଲେଶ୍ୱରୀ ପାଣି ଭିତରେ ପଶିଚାଲିଲା, ସୁରେଶ ମଧ୍ୟ ଆଣ୍ଠୁଏ ପାଣି ପର୍ଯ୍ୟନ୍ତ ତାକୁ ଧରିବାପାଇଁ ପଶିଆସିଲେ, କିନ୍ତୁ କୌଣସି ପ୍ରକାରେ ତାକୁ ଧରିପାରୁନାହାନ୍ତି । ଶେଷରେ ସୁରେଶ ସ୍ତବ୍‌ଧ ହୋଇ ଛିଡ଼ା ହୋଇ ରହିଲେ ଏବଂ ଲକ୍ଷ୍ୟ କଲେ ଯେପରି ଫୁଲେଶ୍ୱରୀ ଆସ୍ତେ ଆସ୍ତେ ପାଣିରେ ବୁଡ଼ିବାରେ ଲାଗିଛି । ତାପରେ ଫୁଲେଶ୍ୱରୀ କାନ୍ଦିବାରେ ଲାଗିଛି, ଆହା ! ସେକି ହୃଦୟଫଟା କାନ୍ଦ । ସୁରେଶ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଛିଡ଼ା ହୋଇ ରହିଛନ୍ତି, ତାଙ୍କ ସାମ୍ନାରେ ତାଙ୍କ ପ୍ରିୟତମା, ଅଙ୍କ ଲକ୍ଷ୍ମୀ କାନ୍ଦି କାନ୍ଦି କହି ଚାଲିଛି, 'ସୁରେଶ ତୁମେ, ଏ କଣ କଲ ? ମୁଁ ତୁମକୁ କେତେ ବୁଝେଇଛି, ଚାଲ ଆମେ ଦିଲ୍ଲୀରୁ ଟ୍ରାନସ୍‌ଫର ନେଇ ଭୁବନେଶ୍ୱର ପଳାଇଯିବା । ସେଠାରେ ମୋର ବାପା, ମାଆ, ଭାଇମାନେ ଆମର କିଛି କରିପାରିବେନି, ଆମେ ସେଠାରେ ମହା ପ୍ରଭୁ ଜଗନ୍ନାଥଙ୍କ ଧାମରେ ପରସ୍ପରକୁ ମାଳ ପିନ୍ଧାଇ ବିଭା ହୋଇଯିବା । ଆମେ ସେଠାରେ ଆନନ୍ଦରେ ରହିବା । କିଛିଦିନ ପରେ ଆମ ପ୍ରେମର ନିଦର୍ଶନ ସ୍ୱରୂପ ପିଲାଟିଏ ମଧ୍ୟ ଜନ୍ମନେବ । ତାର କୁନିକୁନି ଆଖି ଦୁଇଟିକି ଦେଖି ଆମେ ଆମର ସମସ୍ତ ଦୁଃଖ ଭୁଲିଯିବା'' । ଫୁଲେଶ୍ୱରୀ ଏକନିସ୍ୱାସରେ କହିଚାଲିଛି, ''କିନ୍ତୁ ତୁମେ ମୋ ଆକୁଳ ବିନତୀ ଶୁଣିଲ ନାହିଁ । ତୁମେ, ଦିଲ୍ଲୀ ଛାଡ଼ିଲ ନାହିଁ । ଶେଷରେ ମୋ ଭାଇମାନେ ଆମକୁ ବାନ୍ଧିନେଲେ, ଅତି ନିର୍ମମ ଭାବରେ ବାଡ଼େଇ ବାଡ଼େଇ ଆମକୁ ଅଚେତ କରିଦେଲେ । ଆମର କରୁଣ କ୍ରନ୍ଦନ କେହିଁ ଶୁଣି ପାରିଲେ ନାହିଁ । ମୁଁ ଯେତେ କାକୁତି ମିନତି କଲେ ମଧ୍ୟ ସେମାନେ ଶୁଣିଲେ ନାହିଁ । ସେ କି ଭୟଙ୍କର ଯନ୍ତ୍ରଣା, ସେକି ଅସହ୍ୟ ଆର୍ତ୍ତନାଦ, ମୁଁ ଆଉ ବଞ୍ଚିପାରିଲି ନାହିଁ, ମୋ ପାଟିରେ ଟିକିଏ ପାଣି ଦିଅ, ମୋତେଟିକେ ପାଣି ପିଆଅ ହୋଇ ମୋର ଜୀବନ ପ୍ରଦୀପ ଲିଭିଗଲା । ଚିରଦିନ ପାଇଁ ମୁଁ ସୁନ୍ଦର ସଂସାରରୁ ବିଦାୟ ନେଇଗଲି । ମୋର ସମସ୍ତ ଆଶା ଓ ଆକାଂକ୍ଷା କେବଳ ଆଶାରେହିଁ ରହିଗଲା । ହେଲେ ତୁମେ ବଞ୍ଚିଗଲ । ସାଇପଡ଼ିଶାଙ୍କ ପ୍ରଚେଷ୍ଟାରେ ତୁମକୁ ପୋଲିସ୍ ଅଚେତ୍ ଅବସ୍ଥାରେ ଏ. ଆଇ. ଆଇ. ଏ. ଏସ. ର ଟ୍ରୋମା ସେଣ୍ଟରରେ ଭର୍ତ୍ତିକରିଥିଲେ । ଆଠ ଦିନପରେ ଯାଇ ତୁମର ସଂଜ୍ଞା ଫେରି ଆସିଥିଲା । ସମସ୍ତ ଇନ୍‌କୁଆରୀ ପରେ ପୁଲିସ୍ ତୁମକୁ ତୁମର ପୈତୃକ ବାସସ୍ଥାନ, ରସଲପୁର ଗ୍ରାମକୁ ପଠାଇ ଦେଲେ । ତେଣୁ ସୁରେଶ ବାବୁ, ଆଜି ମୁଁ ତୁମକୁ ଧରାଦେବା ଅବସ୍ଥାରେ ନାହିଁ । ମୋର ଅତୃପ୍ତ ଆତ୍ମା ଆଜି ତୁମରି ସାମ୍ନାରେ ଏଇ ସୁବର୍ଣ୍ଣରେଖାର ନୀଳ ଜଳରେ ସଲିଳ ସମାଧି ନେଉଛି । ସୁରେଶ ବାବୁ, ମୋର ପ୍ରିୟ ସୁର, ଖାଲି ଅନ୍ଧକାର, ଆଉ ଅନ୍ଧକାର, ବିଦାୟ, ଚିର ବିଦାୟ । ସୁରେଶ ଖୁବ୍ ଜୋରରେ କାନ୍ଦି ଉଠିଲେ, ତାଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଆସୁଥିଲା । ସେ ଏକ ସ୍ୱରରେ କହିଚାଲିଥିଲେ, 'ସଂସାରର ଏକି ବିଡ଼ମ୍ବନା, ଯେଉଁ ଭାଇମାନେ ରାକ୍ଷୀବାନ୍ଧି ଭଉଣୀକୁ ସବୁ ବିପଦରୁ ରକ୍ଷା କରିବା ପାଇଁ ଶପଥ କରିଥିଲେ, ସେମାନେ ନିଜ ଭଉଣୀର ହୃଦୟକୁ ବୁଝି ନପାରି ଏପରି ନୃଂଶସ ଭାବରେ ତାକୁ ପିଟି ପିଟି ହତ୍ୟାକଲେ । ଏହା କେବଳ ମର୍ଯ୍ୟଦା ହତ୍ୟା (Honour

Killing) ନୁହେଁତ ଆଉ କଣ ? ଏହାର ଉତ୍ତର ମୋତେ କିଏ ଦେବ ? ମୋର ସଂସାର ? ମୋର ସମାଜ ? ମୋର ଜାତି ? ନାମୋର ଭଗବାନ ? କିଏ ? କିଏ ? କିଏ ? ଏତିକିବେଳେ ଟିପୁ ଖୁବ୍ ଜୋରରେ ଭୋ ଭୋ ହୋଇ ଭୋକି ଉଠିଲା ଏବଂ ସୁରେଶର ନିଦ ହଠାତ୍ ଭାଙ୍ଗିଗଲା ଏବଂ ଇତସ୍ତତଃ ହୋଇ ସେ ଉଠି ବସିଲେ । ସର୍ବାଙ୍ଗରୁ ତାଙ୍କର ଗମ୍ ଗମ୍ ଝାଳ ବହିଯାଉଥାଏ ଓ ସମସ୍ତ ଶରୀର ଥରିଉଠୁ ଥିଲା । ଗୁରିଆଡ଼କୁ ଆଖି କୁଲାଇନେଇ ସେ ନିଜକୁ ସମ୍ଭାଳୀ ନେଲେ । ପାଟିରୁ ତାଙ୍କର ବାହାରି ପଡ଼ିଲା, ଏକି ଦୁଃଖଦ ସ୍ୱପ୍ନ; ଏକି ଅସହାୟ ସ୍ୱପ୍ନ ।

ସୁରେଶବାବୁ ଜନ୍ମହୋଇ ଥିଲେ ଏକ ମଧ୍ୟବିତ୍ତ ହରିଜନ ପରିବାରରେ । ତାଙ୍କର ପୂରାନାମ ଥିଲା, ସୁରେଶଚନ୍ଦ୍ର ଜେନା । ତାଙ୍କର ପୈତୃକ ବାସସ୍ଥାନ ଓଡ଼ିଶା ପ୍ରଦେଶର, ବାଲେଶ୍ୱର ଜିଲ୍ଲାସ୍ଥ ରସଲପୁର ଗ୍ରାମ । ଚିର ସ୍ରୋତ ସ୍ୱିନି, ସୁବର୍ଣ୍ଣରେଖା ନଦୀ, ରସଲପୁର ଗ୍ରାମବାସୀଙ୍କର ସବୁ ଦୁଃଖ ସୁଖର ମୂକସାକ୍ଷୀ ରୂପେ ବହି ଯାଇଛି । ନଇକୂଳର ଉର୍ବର ପଠାରେ ବିଭିନ୍ନ କିସମର ପନି ପରିବା ଚାଷ ତଥା ବର୍ଷର ସବୁ ଦିନରେ ନଇରୁ ମାଛମାରି ଗାଁ ଲୋକ ଆନନ୍ଦରେ ଚଳି ଆସନ୍ତି । ସୁରେଶ ବାବୁଙ୍କ ପରିବାରର ଲୋକ ସଂଖ୍ୟା ମାତ୍ର ଗୁରି, ତାଙ୍କ ବାପା, ମାଆ, ସାନଭଉଣୀ, କୁନି ଓ ସେ ନିଜେ । ସୁରେଶଙ୍କ ବାପା, ଅମ୍ବରିଶ ବାବୁ ତାଙ୍କ ଗାଁ ପ୍ରାଇମେରୀ ସ୍କୁଲର ହେଡ୍‌ମାଷ୍ଟର ଥିଲେ । ସୁରେଶ ପ୍ରଥମ ଶ୍ରେଣୀରୁ ଜଣେ ମେଧାବୀ ଛାତ୍ର ହିସାବରେ ପରିଗଣିତ । ଗାଁ ସ୍କୁଲକୁ ପଞ୍ଚମ ପର୍ଯ୍ୟନ୍ତ ପାଶକରି, ସୁରେଶବାବୁ ପାଖଗାଁ, ଦହମୁଣ୍ଡା ସ୍କୁଲରେ ଦଶମଶ୍ରେଣୀ ଯାଏ ପଢ଼ିଥିଲେ । ତାପରେ ସେ ବାପା, ମାଆଙ୍କ ଠାରୁ ବିଦାୟନେଇ ସିଧା କଟକ ପଳାଇ ଆସିଲେ । ସେଠାରେ ରେଭେନ୍‌ସା ମହାବିଦ୍ୟାଳୟରୁ ଅର୍ଥନୀତିରେ ପୋଷ୍ଟ ଗ୍ରାଜୁଏସନ ଶେଷ ପର୍ଯ୍ୟନ୍ତ ଅଧ୍ୟୟନ ରତ ଥିଲେ । ସେତେବେଳକୁ ବାପା ତାଙ୍କ ଗୃକିରିରୁ ଅବସର ନେଇସାରିଥିଲେ । ପରିକ୍ଷା ଶେଷ ହୋଇଥିଲେ ମଧ୍ୟ ସୁରେଶ ଆଉ ଘରକୁ ନ ଫେରି ତାଙ୍କର କିଛି ସାଥୀଙ୍କ ସହିତ ମେସ୍‌କରି କଟକର ଶ୍ରୀବିହାର କଲୋନୀରେ ଅବସ୍ଥାନ କଲେ । ବାପାଙ୍କର ଅବସର ହୋଇଯାଇଥିବାରୁ ସେ ଦୁଇ ତିନୋଟି ପ୍ରାଇଭେଟ୍ ଟିଉସନ ଯୋଗାଡ଼ କରି ନିଜର ଗୁଜୁରାଣା ମେଣ୍ଟାଇଲେ ଓ ବିଭିନ୍ନ କମ୍ପିଟିଟିଭ ଏକ୍‌ଜାମିନେସନ୍ ଦେବାରେ ଲାଗିପଡ଼ିଲେ । ଯାହେଉ ଜଗନ୍ନାଥଙ୍କ କୃପାରୁ ତାଙ୍କର ଏମ. ଏ. ରେଜଲଟ୍ ଆଉଟ ହେବାର ଏକମାସ ମଧ୍ୟରେ ଷ୍ଟେଟବ୍ୟାଙ୍କ ଅଫ ହାଇଦ୍ରାବାଦରେ ପ୍ରବେସନାରୀ ଅଫିସର ହିସାବରେ ସିଲେକ୍‌ସନ ହୋଇଗଲା ।

ସୁରେଶ ବାବୁଙ୍କ ପ୍ରଥମ ପୋଷ୍ଟିଂ ମିଳିଲା ଦିଲ୍ଲୀରେ । ପୋଷ୍ଟିଂ ମିଳିବାର ପନ୍ଦର ଦିନମଧ୍ୟରେ ସେ ଦିଲ୍ଲୀ ଥିବା ବ୍ୟାଙ୍କର ଲୋଧିରୋଡ଼ ଶାଖାରେ ଅଗଷ୍ଟ ଆଠ, ୨୦୧୧ରେ ଜଏନ କରିଗଲେ । ପ୍ରଥମେ କିଛିଦିନ ସେ ପ୍ରଗତି ବିହାର ହଷ୍ଟେଲର ଏଫ୍ ବ୍ଲକରେ ରହିଆସୁଥିବା ତାଙ୍କର ଜଣେ ବନ୍ଧୁଙ୍କ ସହିତ ରହି ଆସୁଥିଲେ । ପରେ ପରେ ସେ ଲୋଧୀରୋଡ଼ର ଆଖପାଖ ଏରିଆରେ ଭଡ଼ାଘର ଯୋଗାଡ଼ରେ ମନୋନିବେଶ କଲେ । ବ୍ୟାଙ୍କରେ କାର୍ଯ୍ୟରତ ହେବାପରଠୁ ତାଙ୍କର ସହକର୍ମୀ, ଫୁଲେଶ୍ୱରୀର ସଂପର୍ଶରେ ଆସିଥିଲେ । ଫୁଲେଶ୍ୱରୀ ବ୍ୟାଙ୍କରେ ଗଲା ଏକବର୍ଷ ଧରି ଏକାଉଟେଣ୍ଟ ଭାବେ କାମକରି ଆସୁଥିଲେ । ସେ ଲାଜ୍‌ପତ ନଗର ସ୍ଥିତ ତାଙ୍କ ବାପାଙ୍କର ନିଜଘରେ ରହି ଆସୁଥିଲେ । ଫୁଲେଶ୍ୱରୀଙ୍କର ପୂରାନାମ ମିସ୍ ଫୁଲେଶ୍ୱରୀ ଜୈନ । ତାଙ୍କ ପରିବାରରେ ସମୁଦାୟ ଛଅ ଜଣ ମେମ୍ବର ଥିଲେ । ସେମାନେ ହେଲେ ତାଙ୍କର ବାପା, ମାଆ, ସେ ନିଜେ ଓ ତାଙ୍କର ତିନିଭାଇ । ଫୁଲେଶ୍ୱରୀ ଥିଲେ ପରିବାର ଏକ ମାତ୍ର ଭଉଣୀ ଏବଂ ସେ ମଧ୍ୟ ଭାଇମାନଙ୍କଠାରୁ ବଡ଼ ଥିଲେ ! ତାଙ୍କ ପରିବାରଟି ହରିୟାନାର ଏକ ବ୍ରାହ୍ମଣ ସଂପ୍ରଦାୟର । ଫୁଲେଶ୍ୱରୀଙ୍କ ବାପା, ଜିତେନ୍ଦ୍ର ବାବୁ ତାଙ୍କ ଗୃକିରୀର ଆରମ୍ଭ ସମୟରୁ ଲାଜପତ୍ ନଗରରେ ଫ୍ଲାଟଟିଏ କିଣି ଗତ ତିରିଶ ବର୍ଷଧରି ସେ ଘରେ ବସବାସ କରି ଆସୁଥିଲେ । ତେଣୁ ତାଙ୍କର ପିଲା ମାନଙ୍କର ଏଜୁକେଶନ ଏହି ଦିଲ୍ଲୀରେ ହିଁ ହୋଇଥିଲା । ଫୁଲେଶ୍ୱରୀ ମେଥ୍‌ମେଟିସ୍‌ରେ ଏମ୍. ଏସ୍. ସି. କରି ଷ୍ଟେଟ ବ୍ୟାଙ୍କ ଅଫ

ହାଇଦ୍ରାବାଦରେ ଏକାଉଟାଣ୍ଟ ହିସାବରେ କାମ କରି ଆସୁଥିଲେ ।

ସୁରେଶବାବୁଙ୍କ କେବିନ୍‌ଟି ଫୁଲେଶ୍ୱରୀଙ୍କ ପାଖାପାଖି ଥିଲା । ତେଣୁ ପ୍ରତ୍ୟେକଦିନ ଟି ବ୍ରେକ୍‌ରେ ତାଙ୍କର ଫୁଲେଶ୍ୱରୀଙ୍କ ସହିତ ସାକ୍ଷାତ ହେଉଥିଲା । ପ୍ରଥମ ଦେଖାରୁ ହିଁ ସୁରେଶ ବାବୁ ଫୁଲେଶ୍ୱରୀଙ୍କୁ ଭଲ ପାଇଁ ଆସିଥିଲେ । ଦିନେ ଲଞ୍ଚ ବ୍ରେକ୍‌ରେ ଫୁଲେଶ୍ୱରୀ ସୁରେଶ ବାବୁଙ୍କୁ ପଚାରି ବସିଲେ, 'ସାର ! ମୁଁ ଶୁଣିବାକୁ ପାଇଲି ଯେ ଆପଣ ଭଡ଼ାଘରଟିଏ ଖୋଜୁଛନ୍ତି । ଯଦି, ଚାହାନ୍ତି ତେବେ, ଲାଜପତ ନଗର ଠାରେ ଆମର ଏକ ରୁମ୍ ଖାଲି ଅଛି, ଆପଣ ଆସନ୍ତା ରବିବାରରେ ଘର ଦେଖିଆସି ପାରନ୍ତି, ରୁମ୍‌ଟି ଛୋଟ ହେଲେବି ୱେଲ ଫର୍ନିସଡ୍ । ଆଟାଚ୍ ପାଇଖାନା ଓ ଗାଧୁଆଘର ।' ସୁରେଶ କିନ୍ତୁ ମନା କରିପାରିଲେ ନାହିଁ । ଆସନ୍ତା ରବିବାରରେ ସେ ଯାଇ ଘର ଦେଖିଆସିବେ ବୋଲି ପ୍ରତିଶ୍ରୁତି ଦେଲେ ।

ଫୁଲେଶ୍ୱରୀଙ୍କୁ ତାଙ୍କ ଘର ଦେଖିଆସିବା ପାଇଁ ରାଜି ହେବା ପରଠାରୁ ସୁରେଶ ନିଜ ଭିତରେ କାହିଁକି କେଜାଣି ଅସ୍ଥିରତା ଅନୁଭବ କରିବାକୁ ଲାଗିଲେ । ତାଙ୍କ ବାନ୍ଧବୀଙ୍କ ଘରେ ଭଡ଼ାରେ ନେବାଟା ଠିକ୍ କି ଭୁଲ୍, ସେ ତାହାବିଚାର କରି ପାରୁ ନଥିଲେ । ବିଭିନ୍ନ ପ୍ରକାରର ପ୍ରଶ୍ନ ତାଙ୍କ ମୁଁଣ୍ଡରେ ଉଙ୍କି ମାରୁଥିଲା, ସେ ନିଜକୁ ନିଜେ ପଚାରି ଚାଲିଥିଲେ, 'ମୋର ଅନ୍ୟ ସହକର୍ମୀମାନେ ମୋତେ ଖରାପ ଭାବିବେ କି ? ମୋର ଫୁଲେଶ୍ୱରୀ, ପ୍ରତି ଦୁର୍ବଳତା ଅଧିକରୁ ଅଧିକତର ହେବକି ? ଇତ୍ୟାଦି ଇତ୍ୟାଦି ଶେଷରେ ସେ ନିଷ୍ପତ୍ତି ନେଲେ ଯେ ଯାହାହେଲେ ମଧ୍ୟ ଘରଟି ଆଗ ଦେଖିଆସିବେ । ରବିବାର ଦିନ ପ୍ରଭାତରୁ ସୁରେଶଙ୍କର ମନଆଉ କୌଣସି କାର୍ଯ୍ୟରେ ଲାଗୁ ନଥିଲା । ସେ କୌଣସି ମତେ ନିଜର ନିତ୍ୟକର୍ମ ସାରି ନେହେରୁ ଷ୍ଟାଡିୟମଠାରୁ ମେଟ୍ରୋ ଟିକେଟଟି ନେଇ ବାହାରି ଗଲେ ଲାଜ୍‌ପତ ନଗର ଆଡ଼େ । ଲାଜ୍‌ପତ ନଗର ଷ୍ଟେସନରେ ଓହ୍ଲାଇ ସିଧା ଚାଲିଲେ ନିଜର ଗନ୍ତବ୍ୟ ସ୍ଥାନକୁ । ଠିକ୍ କ୍ୱାଟରଟି ଚିହ୍ନଟ କରି କଲିଂବେଲରେ ଗୃହକର୍ତ୍ତାଙ୍କୁ ତାଙ୍କ ଆଗମନର ସୂଚନା ଦେଇଦେଲେ । ଫାଟକ ଖୋଲି ସେ ପ୍ରଥମେ ଫୁଲେଶ୍ୱରୀଙ୍କୁ ଦେଖିବାକୁ ପାଇଲେ, ଯେପରି ସେ ସୁରେଶଙ୍କର ଆସିବା ବାଟକୁ ଅନାଇ ବସିଥିଲେ । ସୁରେଶ ମଧ୍ୟ ଫୁଲେଶ୍ୱରୀର ହସ ହସ ମୁହଁ ଦେଖି କୋଟିନିଧି ପାଇଗଲା ପରି ଅନୁଭବ କଲେ । ତାଙ୍କ ଶରୀରରେ ଯେପରି ଏକ ଅହେତୁକ ଶିହରଣ ଖେଳିଗଲା ପରି ଲାଗିଲା । ଫୁଲେଶ୍ୱରୀ ତାଙ୍କୁ ଅଭିନନ୍ଦନ ଜଣାଇ, ଘର ଭିତରକୁ ପାଛୋଟି ନେଲେ ।

ଡ୍ରଇଂରୁମରେ ସୁରେଶ ବାବୁଙ୍କୁ ବସାଇ ଫୁଲେଶ୍ୱରୀ ଘର ଭିତରୁ ତାଙ୍କ ବାପା, ମାଆ ଓ ସାନଭାଇମାନଙ୍କୁ ଡାକି ଆଣିଲେ । ପରସ୍ପର ଚିହ୍ନା ଚିହ୍ନି ହେଲାପରେ ଫୁଲେଶ୍ୱରୀ ଚା ଆଣିବା ପାଇଁ କିଚ୍ଚେନ୍ ଆଡକୁ ଚାଲିଗଲେ । ଚା ପରସାହେବା ମଧ୍ୟରେ ଜିତେନ୍ଦ୍ର ବାବୁ(ଫୁଲେଶ୍ୱରୀ ଙ୍କ ବାପା) ଉପର ମହଲାରେ ଥିବା ରୁମ୍‌କୁ ସୁରେଶଙ୍କୁ ଦେଖାଇ ଦେଲେ । ରୁମଟିକୁ ସୁରେଶବାବୁ ପସନ୍ଦ କରି ପାଞ୍ଚ ହଜାର ଟଙ୍କା ଅଗ୍ରୀମ ଜିତେନ୍ଦ୍ର ବାବୁଙ୍କୁ ପଇଠ କଲେ । ହେଲେ ଜିତେନ୍ଦ୍ରବାବୁ ତାହା ଗ୍ରହଣ ନକରି ସୁରେଶଙ୍କୁ ଆସନ୍ତା ପହିଲାରୁ ପ୍ରଥମେ ଘର ସିଫ୍‌ଟ କରିବାକୁ କହିଥିଲେ ।

ଠିକ୍ ସେପ୍‌ଟେମ୍ବର ଏକ ତାରିଖରେ ସୁରେଶ ଲାଜ୍‌ପତ ନଗରକୁ ସିଫିଟ୍ କରିଗଲେ । ଏହା ମଧ୍ୟରେ ନୂଆଘରେ ସୁରେଶର ଦୁଇମାସ କଟିଗଲାଣି । ଇତିମଧ୍ୟରେ ତାଙ୍କର ବାପା, ମାଆ ଗାଁରୁ ଆସି ପୁଅପାଖରେ ଏକସପ୍ତାଏ କଟାଇ ଘରକୁ ଫେରି ଗଲେଣି । ସୁରେଶ ଆଉ ଆଗଭଳି ନଥିଲେ । ସେ ନିଜେ ମଧ୍ୟ ଜାଣି ପାରୁନାହାନ୍ତି, କାହିଁକି ତାଙ୍କର ଏପରି ପରିବର୍ତ୍ତନ ସବୁ ଘଟୁଛି । ଯିଏକି ଦିନକରେ ଥରେ ଭଲ ଭାବରେ ମୁଁଣ୍ଡ କୁଣ୍ଡାଉନଥିଲେ, ସେ ଏବେ ବ୍ୟାଙ୍କ ଯିବା ପୂର୍ବରୁ ଦଶଥର ଅଇନା ଆଗରେ ଛିଡ଼ା ହେଉଛନ୍ତି । ବିନା ଆଇରନ୍‌ରେ ଜିନ୍‌ସ ପେଣ୍ଟ ପିନ୍ଧୁ ନାହାନ୍ତି । ପ୍ରତ୍ୟେକ ଦିନ ନିଶ ଓ ଦାଢୀ ଖିଅର ହେଉଛନ୍ତି, ଦିନେ ପଲିଶ୍ ନ କଲେ ଯୋତା ପିନ୍ଧିବାକୁ ଭଲପାଉ ନାହାନ୍ତି....ଇତ୍ୟାଦି । ଫୁଲେଶ୍ୱରୀଙ୍କର ସୁରେଶ ବାବୁଙ୍କ ପ୍ରତି

ଆନୁଗତ୍ୟ ଅତ୍ୟନ୍ତ ମାତ୍ରାରେ ବଢ଼ି ଯାଇଛି । ବ୍ୟାଙ୍କରୁ ଫେରିଲା ମାତ୍ରେ, ସେ ମୁହଁ ହାତ ନଧୋଇ ଆଗ ସୁରେଶ ପାଇଁ ଚା କରି ପିଆଉଛନ୍ତି । ଅଧିକାଂଶ ଦିନ ରାତିରେ ରୋଟି ତିଆରି କରି ସେ ସୁରେଶଙ୍କ ରୁମ୍‌ରେ ନିଜେ ଦେଇଆସୁଛନ୍ତି । ଫୁଲେଶ୍ୱରୀ ମଧ୍ୟ ନିଜ କାରରେ ସୁରେଶଙ୍କୁ ଅଫିସକୁ ନେଇ ଯାଉଛନ୍ତି । ଏସବୁ ଦେଖି ବ୍ୟାଙ୍କର ଅନ୍ୟ ସହକର୍ମୀମାନେ ମଧ୍ୟ ସେ ଦୁହିଁଙ୍କୁ ଟାହି ଟାପରା କଲେଣି ।

କ୍ରମେ କ୍ରମେ ଦିନ ପରେ ଦିନ ଏବଂ ମାସ ପରେ ମାସ ଗଡ଼ି ଚାଲିଥିଲା । ସମୟର ଗତି ଚକ୍ର ସହିତ ପ୍ରେମୀ ଯୋଗଳଙ୍କର ପ୍ରେମର ଡୋରି ଦୃଢ଼ରୁ ଦୃଢ଼ତର ହେବାକୁ ଲାଗିଲା । ଶେଷରେ ସେ ଦୁହେଁ ପରସ୍ପରକୁ ବିବାହ ବନ୍ଧନରେ ଆବଦ୍ଧ ହେବାପାଇଁ ନିଷ୍ପତି ନେଲେ। ପ୍ରସ୍ତାବଟି ପ୍ରଥମେ ଫୁଲେଶ୍ୱରୀ ଠାରୁ ଆସିଥିଲା । ସୁରେଶ ପ୍ରେମିକାଙ୍କ କଥାରେ ରାଜି ହେଲେ ମଧ୍ୟ ବାନ୍ଧବୀଙ୍କ ପିତାମାତାଙ୍କ ମନାଇବାକୁ ସେ ଫୁଲେଶ୍ୱରୀଙ୍କ ଉପରେ ନ୍ୟସ୍ତକଲେ । କିନ୍ତୁ, ଫୁଲେଶ୍ୱରୀଙ୍କ ବାପା ତାଙ୍କର ଜଣେ ପୁରାତନ ବନ୍ଧୁଙ୍କର କନିଷ୍ଠ ପୁତ୍ର, ଅଂଶୁମାନ, ଯେକି ଫରିଦାବାଦର ଏକ ଘରୋଇ କମ୍ପାନୀରେ ମ୍ୟାନଜର ଭାବରେ କାର୍ଯ୍ୟ କରି ଆସୁଥିଲେ, ତାଙ୍କରି ସହିତ ନିଜ ଝିଅର ବିବାହ ସଂପନ୍ନ କରିବାକୁ ସ୍ଥିର କରିଥିଲେ । ଏପ୍ରସ୍ତାବଟି ତାଙ୍କ ସ୍ତ୍ରୀଙ୍କ ପରାମର୍ଶରେ ହିଁ ଆଗେଇ ଯାଇଥିଲା । ହେଲେ ଏବିଷୟରେ ସେମାନେ ଝିଅର ମତାମତ ନେଇନଥିଲେ ।

ସେଦିନଟି ଥିଲା ଚବିଶ ଅପ୍ରେଲ ରବିବାର, ଛୁଟି ଦିନ ଥିଲେ ମଧ୍ୟ ଫୁଲେଶ୍ୱରୀ ସକାଳ ସାତଟାରେ ଗାଧୋଇ ପାଧୋଇ ବାପା ମାଆଙ୍କୁ ଡ୍ରଇଁ ରୁମ୍‌ରେ ଚା ପରଶି ଥିଲେ । ଝିଅର ଚଞ୍ଚଳ ଚଞ୍ଚଳ ମନକୁ ବୁଝିପାରି ଜାନକୀଦେବୀ (ଫୁଲେଶ୍ୱରୀଙ୍କ ମାଆ) କହି ଉଠିଲେ, 'କିରେ ଫୁଲ, କଣ କୁଆଡ଼େ ବୁଲିଯିବାକୁ ବାହାରିଛକି' ? ଫୁଲେଶ୍ୱରୀ ସେମିତି କିଛି ନାହିଁ ବୋଲି ଉତ୍ତର ଦେଇ ମାଆ ପାଖରେ ବସିଗଲେ। କିଛି ସମୟ ପରେ ସେ କହିଲେ, 'ମାଆ ! ମୁଁ ଗୋଟିଏ ପ୍ରସ୍ତାବ ତୁମ ଦୁହିଁଙ୍କୁ କହିବି ବୋଲି ଭାବୁଛି । ଜାନକୀ ଦେବୀ ତତ୍‌କ୍ଷଣାତ କହି 'ଉଠିଲେ, କଣ କହିବୁ କହୁନୁ' ଫୁଲେଶ୍ୱରୀ କହିଲେ, 'ମାଆ, ମୁଁ ଏବଂ ସୁରେଶ ପରସ୍ପରକୁ ଭଲପାଇ ବସିଛୁ, ତେଣୁ ଆମେ ଦୁହେଁ ମ୍ୟାରେଜ କରିବାକୁ ଚାହୁଁଛୁ' । ଏ କଥାଟି ଶୁଣିଲା ମାତ୍ରେ ଯିତେନ୍ଦ୍ର ବାବୁଙ୍କ ମୁହଁ ନାଲି ପଡ଼ି ଆସିଲା । ସେ ହଠାତ୍ ରାଗରେ ତମତମ ହୋଇ ଜାନକୀ ଦେବୀଙ୍କ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଅନାଇ କହି ଚାଲିଲେ, 'ମୁଁ ତମକୁ ବାରମ୍ବାର ତାଗିଦ କରି ଦେଇଛି, ଆମର କୌଣସି ଅନ୍ୟ ଜାତିର ବ୍ୟାଚ୍‌ଲର ଯୁବକକୁ ଘରଭଡ଼ା ଦେବା ନାହିଁ, ହେଲେ ତମେ ଝିଅ କଥାରେ ପଡ଼ି ମୋ କଥା ଶୁଣିଲ ନାହିଁ, ଏବେ ଶୁଣ, ଝିଅର କଥା' । ଜାନକୀଦେବୀ କିଛି ସମୟ ପାଇଁ ସ୍ତବ୍ଧ ହୋଇ ରହିଗଲେ, ତାପରେ ଜୋର ଚିତ୍କାର କରି କହିଲେ, 'ହଇରେ ଫୁଲ, ତୋ ମୁହଁକୁ ଟିକିଏ ଲାଜ ନାହିଁ, ତୁ ଏପରି ଏକ କଥା ନିମିଷକେ କହି ପକାଇଲୁ, ତୁ କଣ ଆମ ପରିବାର ବିଷୟ ଅଜଣା ଅଛୁ, ଆମେ ହେଲେ ହରିୟାନାର ସଂଭ୍ରାନ୍ତ ବ୍ରାହ୍ମଣ ପରିବାରର, ଆଉ, ସୁରେଶ ହେଲେ, ଓଡ଼ିଆ ହରିଜନ, ଆମ ଦୁଇ ପରିବାରର ଜାତି, ଗୋତ୍ର ସବୁ ଅଲଗା, ଆମ ଭିତରେ ବୈବାହିକ ସଂବନ୍ଧ କେବେ ସମ୍ଭବ ନୁହେଁ, ଆମ ସାହି ପଡ଼ିଶା, ବନ୍ଧୁ ବାନ୍ଧବ ଏ ପ୍ରସ୍ତାବ ଶୁଣିଲେ କଣ କହିବେ ? ଆମେ ସମାଜରେ ମୁଣ୍ଡ ଟେକି ଚାଲି ପାରିବାତ' । ଜାନକୀଦେବୀଙ୍କ କଥା ଶୁଣି ସାରିଲା ପରେ, ଯିତେନ୍ଦ୍ରବାବୁ ଗର୍ଜୀଉଠି କହିଲେ, 'ଶୁଣ ଫୁଲ, ତୋର ଏ ପ୍ରସ୍ତାବ ତ ନିଜ ପାଖରେ ରଖ । ମୋ ଜୀବିତ ଅବସ୍ଥାରେ ମୁଁ ଏ ବିବାହ କରାଇଦେବି ନାହିଁ' । ଏସବୁ ଶୁଣି ସାରିଲା ପରେ ଫୁଲେଶ୍ୱରୀ କାନ୍ଦ କାନ୍ଦ ହୋଇ କହି ଉଠିଲେ, 'ତମେସବୁ କଣ ଭାବକିମ୍ବା ନଭାବ, ମୋର କିଛି ଯାଏ ଆସେ ନାହିଁ, ମୁଁ ଆଉଛୋଟ ପିଲାଟିଏ ହୋଇ ରହିନାହିଁ । ମୋର ଭଲ ମନ୍ଦ ମୁଁ ଚିନ୍ତା କରି ପାରିବି, ତମେ ମୋତେ ଜନ୍ମ ଦେଇଛ, କର୍ମ ଦେଇ ନାହଁ, ମୋ ଭାଗ୍ୟରେ ଯାହା ଥାଉ ପଛକେ, ମୁଁ ସୁରେଶଙ୍କୁ ବିବାହ କରିବି ବୋଲି ସ୍ଥିର କରି ସାରିଛି । ତେଣୁ ମୁଁ ମୋ ନିଷ୍ପତିରେ ଅଟଳ ରହିବି ।' ଏତିକି କହି ଫୁଲେଶ୍ୱରୀ ଡ୍ରଇଂ ରୋମରୁ ବାହାରକୁ ଝଡ଼ ବେଗରେ ବାହାରି

ଗୁଲି ଗଲେ । ସେହିଦିନଠାରୁ ଯିତେନ୍ଦ୍ରବାବୁ ଝିଅ ସହିତ କଥାବାର୍ତ୍ତା କରିବା ବନ୍ଦ କରି ଦେଲେ । ଜାନକୀଦେବୀ ମଧ୍ୟ ଫୁଲେଶ୍ୱରୀଙ୍କୁ ଦେଖିଲେ, ମୁହଁ ଫେରାଇ ଦେଉଥିଲେ । ଫୁଲେଶ୍ୱରୀ ଲକ୍ଷ୍ୟ କରିଛନ୍ତି କେବେକେବେ ସନ୍ଧ୍ୟାରେ ତାଙ୍କ ବାପା ତାଙ୍କର ତିନି ଭାଇଙ୍କ ସହିତ କଣସବୁ ତର୍କବିତର୍କ କରୁଛନ୍ତି ଆଉ ତାଙ୍କୁ ଦେଖି ଦେଲାମାତ୍ରେ ନୀରବ ହୋଇ ଯାଉଛନ୍ତି । ଏସବୁ ବିଷୟ ମଧ୍ୟ ଫୁଲେଶ୍ୱରୀ ସୁରେଶ ବାବୁଙ୍କୁ କହିଛନ୍ତି। ସେ ମଧ୍ୟ ସେମାନଙ୍କର ଟ୍ରାନଫର ଭୁବନେଶ୍ୱର କିମ୍ବା ଆଉକୌଣସି ଦୂର ସହରକୁ କରିନେବା ପାଇଁ ସୁରେଶଙ୍କୁ କାକୁତି ବିନତି କରିଛନ୍ତି । ହେଲେ ଦୁହିଁଙ୍କର ଏକସଙ୍ଗେ ଅନ୍ୟ ଏକ ସ୍ଥାନକୁ ଟ୍ରାନ୍ସଫର ନେଇଯିବା ଏତେ ସହଜ ନୁହେଁ କହି ସୁରେଶ ନୀରବହୋଇ ଯାଇଛନ୍ତି ।

ଦିନକର ଘଟଣା । ସେ ଦିନ ଥିଲା ଶନିବାର । ବ୍ୟାଙ୍କରୁ ଫେରି ସୁରେଶବାବୁ ଏକାକୀ ବସିଥାନ୍ତି ତାଙ୍କ ରୁମର ସୋଫା ଉପରେ । ଫୁଲେଶ୍ୱରୀ କଣ କହିବା ପାଇଁ ତରତର ହୋଇ ସୁରେଶଙ୍କ ରୁମକୁ ପସି ଆସିଲେ ଓ ଲଥ ହୋଇ ତାଙ୍କ ଅଗରେ ବସି ପଡ଼ିଲେ । ଠିକ୍ ସେତିକି ବେଳେ ରୁମର ବାର୍ ଲାଇଟ ଆପେ ଆପେ ଅଫ୍ ହୋଇଗଲା । ହଠାତ୍ ଗ୍ରିଜଣ ଲୋକ ମୁହଁରେ କଳା ପରଦା ଲଗାଇ ହାତରେ ଲୁହାଛଡ଼ ଧରି ରୁମଟିକୁ ଧସେଇ ପଶି ଆସିଲେ । ସୁରେଶବାବୁ କିଛି ପଗ୍ଗରିବା ପୂର୍ବରୁ ସେମାନେ ଦୁହିଁଙ୍କୁ କାବୁ କରିନେଲେ ଓ ସେମାନେଙ୍କ ମୁହକୁ କପଡ଼ାରେ ଜୋରରେ ବାନ୍ଧିଦେଲେ । ତାପରେ ଆରମ୍ଭ କରି ନେଲେ ନିସ୍ଠୁର ମାଡ଼ । ସେ କି ଅସହ୍ୟ ଯନ୍ତ୍ରଣା।

ସେହି କାଳରାତ୍ରିରେ ସବୁ କିଛି ଶେଷ ହୋଇଯାଇଥିଲା । ସାତଦିନ ପରେ ସୁରେଶ ନିଜକୁ ଆବିଷ୍କାର କରିଥିଲେ ଏ. ଆଇ ଆଇ.. ଏମ . ଏସ. ର ଟ୍ରୌମା ସେଣ୍ଟରରେ । ପ୍ରଥମେ ସେ କିଛି ଜାଣିପାରିଲେ ନାହିଁ । ସେ କେବଳ ସମସ୍ତଙ୍କୁ କଲବଲ ହୋଇ ଅନାଇଁ ରହୁଥିଲେ । ବ୍ୟାଙ୍କର ଅନ୍ୟ କେତେଜଣ ସହକର୍ମୀଙ୍କର ସେବାଶୁସୁଶାରେ କ୍ରମେ ଆରୋଗ୍ୟ ହେବାକୁ ଲାଗିଲେ । ପରେ ପରେ ସୁରେଶ ବାବୁ ଜାଣିବାକୁ ପାଇଲେ ଯେ ଯେଉଁମାନେ ତାଙ୍କର ଏ ଅବସ୍ଥା ପାଇଁ ଦାୟୀ ସେମାନେ ହେଲେ ଫୁଲେଶ୍ୱରୀଙ୍କର ବାପା ଓ ତାଙ୍କର ତିନିଭାଇ । ସେହି ଚାରିଜଣ ସେଦିନ ରାତ୍ରିରେ ସୁରେଶ ଓ ଫୁଲେଶ୍ୱରୀଙ୍କୁ ବାଡ଼େଇ ବାଡ଼େଇ ଲହୁ ଲୁହାଣ କରାଇ ପଳାଇଥିଲେ । ପୋଲିସ୍ କୌଣସି ସୂତ୍ରରୁ ଖବର ପାଇ ସେମାନଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ ଏବଂ ଯିତେନ୍ଦ୍ରବାବୁ ତଥା ତାଙ୍କ ତିନି ପୁତ୍ରଙ୍କୁ ଆରେଷ୍ଟ କରିଥିଲେ । ହସପିଟାଲରେ ପନ୍ଦର ଦିନ ପର୍ଯ୍ୟନ୍ତ ମର୍ମାନ୍ତିକ ଯନ୍ତ୍ରଣାରେ ଛଟପଟ ହୋଇ ଫୁଲେଶ୍ୱରୀ ଇହଲୀଳା ସମ୍ବରଣ କରିଥିଲେ । ଆଉ ସୁରେଶଙ୍କର ସଂଜ୍ଞା ଫେରିଆସିଥିଲା ଏବଂ ଡାକ୍ତରମାନଙ୍କର ଅକ୍ଳାନ୍ତ ଚେଷ୍ଟା ଓ ଜଗନ୍ନାଥଙ୍କ ଅସୀମ କୃପାହେତୁ ସେ ଆରୋଗ୍ୟ ଲାଭ କରିଥିଲେ । ଏଆଡ଼େ ପୋଲିସ୍ର ସରଜମିନ ତଦନ୍ତ ଫଳରେ ଯିତେନ୍ଦ୍ରବାବୁ ଓ ତାଙ୍କର ତିନି ପୁତ୍ରଙ୍କୁ ମର୍ଯ୍ୟଦା ହତ୍ୟା (Honour Killing) ଏବଂ ଏଟେଷ୍ଟ୍ଟୁ ମର୍ଡ଼ର କେଶରେ ଏରେଷ୍ଟ କରି ନନ୍‌ବେଲ୍ ଏବଲ୍ ଓ୍ୱାରଣ୍ଟ ବଳରେ ଜେଲକୁ ପଠାଇ ଦେଇଥିଲେ । ସୁରେଶବାବୁ ଟିକିଏ ଆରୋଗ୍ୟ ହେଲାପରେ ବ୍ୟାଙ୍କରୁ ତିନିମାସ ଛୁଟି ମଞ୍ଜୁର କରି ଭାରାକ୍ରାନ୍ତ ହୃଦୟରେ ଫେରି ଆସିଥିଲେ ନିଜଘର ଓଡ଼ିଶା ପ୍ରଦେଶର ରସଲପୁର ଗ୍ରାମକୁ ।

ଡି. ୧ ଏ ୧୧ ଲୋଧି କଲୋନୀ,
ନୂଆଦିଲ୍ଲୀ – ୩

# ଅଣ ଲେଉଟା

**କବିତା ନାୟକ**

ଜୀବନରେ ଯଦି କେବେ ହଜିଯାଏ
କିଛି ଅତି ଜରୁରୀ, ଅହିସାବି,
ଅମୂଲ୍ୟ, ଯାହା ଭରି ହୁଏ ନାହିଁ କେବେବି
ଜୀବନ ଭରି, ଅବା ତା'ପରେ
ଅବା ହାରିଯାଏ କେବେ କାହିଁ
ଅନ୍ୟ ପାଇଁ ସଦସ୍ୟ ପରିବାର
ବା ଅନ୍ୟ କାହାଲାଗି
ଯେଉଁଟା କେବେବି ହାସଲ କରି ହୁଏନି,
ଏ ଜୀବନରେ
ଅବା ଏ ଜୀବନ ଦେଇ
ଦୁଃଖ ହୁଏ ଅନେକ
ଯନ୍ତ୍ରଣାଭାରି
ଯେଉଁ ଯନ୍ତ୍ରଣା
କେବଳ ଅନୁଭବୀ ହିଁ ଅନୁଭବ କରିପାରେ
ଯାହା ଅତୁଳନୀୟ ଅସମ୍ଭବ,
ଇଚ୍ଛାହୁଏ ଫେରିପାଇବାକୁ
ସେଇ ଅମୂଲ୍ୟ ରତନ,
ସେଇ ଅମୂଲ୍ୟ ସତ୍ୟକୁ
ଯାହା ହାତରୁ ଖସିଯାଇ ପାଲଟିଛି ସ୍ୱପ୍ନ
ସ୍ୱପ୍ନର ସାଗର, ସତ୍ୟର ମରିଚିକା
ଯାହା ହଠାତ୍ ଦେଖି ହୁଏନି
ହଠାତ୍ ଅନୁଭବ କରିହୁଏନି,
ଶାନ୍ତି, ସୁଖ, ସରସତା ଆଉ ସୁନ୍ଦରତା
ସ୍ୱପ୍ନ ବିନା ସ୍ୱାର୍ଥୀ ସାର୍ଥକ ବିନା ।

ମଦର୍ସ ପ୍ଲେ ସ୍କୁଲ, ନୂଆଦିଲ୍ଲୀ

# ଶ୍ରୀ ଗଣେଶ ବନ୍ଦନା

**ରୂପମଂଜରୀ ପଟନାୟକ**
ପ୍ରଧାନ ଶିକ୍ଷୟିତ୍ରୀ

ଜୟ ଗଣେଶ ଜୟ ଗଣେଶ ଜୟ ଗଣେଶ ଦେବ
ପାର୍ବତୀ ନନ୍ଦନ ପ୍ରଭୁ ପିତା ମହାଦେବ । (ଘୋଷା)
ଏକଦନ୍ତ ଦୟାବନ୍ତ ବିଘ୍ନ ବିନାଶନ
ମୂଷକ ବାହାନେ ବିଜେ ପ୍ରଭୁ ଗଜାନନ ॥୧॥
ସର୍ବଦେବ ମଧେ ସାର ତୁମେ ବିଦ୍ୟାପତି
ଜ୍ଞାନ ମୋକ୍ଷ ପ୍ରଦାୟକ ପ୍ରଭୁ ଗଣପତି ॥୨ ॥
ଶିରେ ସୁବର୍ଣ୍ଣ କିରୀଟ ଶ୍ରୀହସ୍ତେ ପୁସ୍ତକ
ଗଳେ ମୋହେ ରତ୍ନହାର ସ୍କନ୍ଧେ ଉପବୀତ ॥ ୩ ॥
ଅଙ୍ଗେ ପୀତବସ୍ତ୍ର ତୁମ ପୃଥୁଳ ଉଦର
ସର୍ବକର୍ମେ ଅଗ୍ରଶୂନ୍ୟ କରୁଣାବତାର ॥ ୪ ॥
ଚତୁର୍ଭୁଜ ଧାରୀ ଆହେ ପ୍ରଭୁ ଲମ୍ବୋଦର
ଦୟାର ସାଗର ନାଥ ଜ୍ଞାନର ଭଣ୍ଡାର ॥ ୫ ॥
ବିପତୀ ବାଣିଜ୍ୟେ ଅବା ଶିକ୍ଷାଅନୁଷ୍ଠାନେ
ସକଳେ କରନ୍ତି ପୂଜା ସହର୍ଷ ବଦନେ ॥ ୬ ॥
ଆଜ ତୋ ପୂଜା ବାସରେ ଘେନ ନିବେଦନ
ନାଶି ଅଜ୍ଞାନ ଅନ୍ଧାର ଦିଅ ସଦ୍‌ଜ୍ଞାନ ॥ ୭ ॥
ବିଦ୍ୟା ବୁଦ୍ଧି ଜ୍ଞାନ ସର୍ବ ହୃଦେ ଭରିଦିଅ
କଳିର କଳୁଷହର ଆହେ ଦୟାମୟ ॥ ୮ ॥
ତବ ଆଗମନେ ହେଉ କୁସୁମିତ ଧରା
ସବୁରି ପରାଣେ ବହୁ ଅମୃତର ଧାରା ॥ ୯ ॥
ଏ ଅଧମ ହୀନା ପଶେ ଶ୍ରୀପଦେ ଶରଣ
ଭକତି ଅନ୍ତରେ କରେ ତୁମରି ବନ୍ଦନ ॥ ୧୦ ॥

ମହିମା ବାଳିକା ଉଚ୍ଚ ବିଦ୍ୟାଳୟ
ମହିମାଗାଦି, ଯୋରନ୍ଦା,
ଢେଙ୍କାନାଳ, ଓଡ଼ିଶା

# ଜୀବନ ଜଂଗଲ

ବ୍ୟାସଦେବ ନାୟକ

ଜୀବନର ଅଣଗୃଣ ବସନ୍ତ
ବିତିଯିବା ଭିତରେ
ନିରବଛିନ ଋତୁରେ
ନିରନ୍ତର
ଅଣଗୃଣ ପବନଟି ଆସି
ସତର୍କ କରି ଗୃହୁଁଥାଏ
ସ୍ଥାଣୁ ପଥରଟି ପରି ମଣିଷଠିକୁ
ଅଲୋଡା, ଅଜ୍ଞାନୀ, ନିର୍ବାସିତ ବେଦେ ।

ମାତାପିତା, ସନ୍ତାନ, ବନ୍ଧୁକୁଟୁମ୍ବ
ଆଉ ସାଂଗସାଥୀ ଯେତେ ଚିହ୍ନା ଅଚିହ୍ନା
କାହିଁ କେତେଦୂର
ଅତିକ୍ରମ କରି ଗୃହିଁଗଲେଣି ଅନେକ ଦୁର
ଦୁରନ୍ତ ନଜର ପରିସୀମାର ବାହାରୁ ।

ନୀରନ୍ତର ସଫଳତାର ଗର୍ବ ଆଉ ନାହିଁ
ନିଃସ୍ୱାର୍ଥ ସେବାର ଆକର୍ଷଣ ମୃତ
ସଂପତ୍ତି, ସଂପଦର ଅସବ
ଏକ ଅବିଚ଼ଳିତ ପୁନରାବୃତ୍ତି
ସଭା, ପ୍ରଭୁତ୍ୱ ମୂଲ୍ୟହୀନ
ସ୍ୱପ୍ନ ଆଉ ବାସ୍ତବ ନିରାଧାର ସବୁ
ପ୍ଲାବନ ବନ୍ୟାରେ ସାଗର ମୁଖୀ ।

ଜୀବନ ଜଙ୍ଗଲର ମନବନରେ
ପ୍ରତି ମୁହୂର୍ତ୍ତରେ ବୃକ୍ଷଟିଏ କଟିଯାଉଛି
କାହାର ନିସ୍ତବ୍ଧ ଲୌହାସ୍ତ ଆଘାତରେ
ଅଶାନ୍ତ ମନ ସାଗରର ଅତିକ୍ରାନ୍ତ ଢ଼େଉମାନେ
ବାରମ୍ବାର ଆଘାତ କରି ଗୃଲିଛନ୍ତି
ଇସାରର ଏକ ନୂଆ ଉପକ୍ରମ
ଏଇତ ଜୀବନ ।

ଜୀବନର ସାର ସାଗର ଜୀବନ
ସମସ୍ତେ ଗୋଟେ ଗୋଟେ ସ୍ୱତନ୍ତ୍ର ପରିଧି
ନିଜଲାଗି ଚ଼କ୍ରବତ୍ତ ଘୁରୁଛନ୍ତି
କେଉଁ ଆଦିମ କାଳରୁ
ବ୍ୟତିକ୍ରମ ଯଦି, ଆସେ କେବେ
ନିଜ ଦାୟୀ ନିଜେ ନେଇ
ସୁଧାରିବା ଲାଗି
ଉଠ ପୁଢ଼ ଉଠ
ମାଣ ପୁରିବା ଆଗରୁ ଉଠ୍
କିନ୍ତୁ ସବୁ ମାଣ ଭରେନି
ସବୁ ପୁଢ଼ ଉଠେନି
ତଥାପି ଉଦ୍ୟମ ଗୃଲିଛି ।

କୃଷି ମନ୍ତ୍ରଣାଳୟ,
ଭାରତ ସରକାର

●●●

# ଶ୍ରୀ ଶ୍ରୀ ଗଣେଶ ବନ୍ଦନା

ଶ୍ରୀ ନୀରୋଦ ଚନ୍ଦ୍ର ସାମଲ

ଜୟ ଗଜାନନ ବିଘ୍ନ ବିନାଶନ ଜୟ ଜୟ ଗଣପତି ।
ଭକତି ଅନ୍ତରେ ପୂଜୁ ଶ୍ରୀ ପୟରେ ଘେନ ଆମ୍ଭର ପ୍ରଣତୀ ।।୧ ।।
ଜୟ ଶିବକାନ୍ତ ପାର୍ବତି ସୁତ ଜୟ ପ୍ରଭୁ ଲମ୍ବୋଦର ।
ତବ ଆଗମନେ କୁସୁମିତ ଧରା ପ୍ରଫୁଲ୍ଲିତ ସର୍ବପ୍ରାଣ ।।୨।।
ଆହେ ଦୟାମୟ କରୁଣା ଆଳୟ ତୁମରି ଆଶୀଷ ବଳେ ।
ମହାମୂଖ ସିନା ବୋଲାଏ ପଣ୍ଡିତ ପଥର ଭାସଇ ଜଳେ ।। ୩ ।।
ଜ୍ଞାନ ବିଦ୍ୟାବୁଦ୍ଧି ଦାଶ ବୋଲି ତୁମ ଜଗତେ ପଡ଼ଇ ହୁରି
ତବ ଆଗମନେ ସର୍ବ ପୂଜାପୀଠ ଆନନ୍ଦେ ପଡ଼େ ଉଛୁଳି ।। ୪।।
ସର୍ବଦେବମଧ୍ୟେ ଅଗ୍ରପୂଜ୍ୟତୁମ୍ଭେ ଆହେ ପ୍ରଭୁ ବିଦ୍ୟାଦାତା ।
ଗଳେ ରତ୍ନମାଳ ସ୍କନ୍ଧେ ଉପବୀତ ଆହାକେଡ଼େ ମନଲୋଭା ।। ୫।।
ମୂଷିକ ବାହନେ ରତ୍ନ ସିଂହାସନେ ଅଙ୍ଗେ ପୀତବସ୍ତ୍ର ଶୋହେ ।
ମସ୍ତକେ ମୁକୁଟ ଶ୍ରୀହସ୍ତେ ପୁସ୍ତକ ବିଶ୍ୱଜନ ମନ ମୋହେ ।। ୬ ।।
ସର୍ବଅନୁଷ୍ଠାନେ ବିପତୀ ବାଣିଜ୍ୟେ ଗୃହେ ଅବା ଦେବାଳୟେ ।
ତବ ପୂଜା ହୁଏ ମହାସମାରୋହେ ପୁଲକ ଖେଳେ ପରାଣେ ।।୭ ।।
ଅତି ବିନୟରେ ତୋ ପୂଜା ବାସରେ ସଭିଏଁ କରନ୍ତି ଅଳି ।
ଶଙ୍ଖ ଘଣ୍ଟ ଘଣ୍ଟା ବାଦ୍ୟତାଳେ ଦେଇ ହରିବୋଲ ହୁଳହୁଳି ।।୮ ।।
ଜୟ ଦେବଈଶ ଆହେ ଶ୍ରୀଗଣେଶ ଦିଅ ବିଦ୍ୟା ବୁଦ୍ଧି ଜ୍ଞାନ ।
ଅଜ୍ଞାନ ତମସା ଦୂର୍‌କରି ପ୍ରଭୁ ସଦ୍‌ବୁଦ୍ଧି କର ଦାନ ।। ୯ ।।
ଆହେ ଦୟାମୟ ଦିଅ ହେ ଅଭୟ ରହୁତବପଦେ ମତି ।
ଜଗତ ଜୀବର କରହେ ମଙ୍ଗଳ ନୀରଦ କରେ ମିନତୀ ।। ୧୦ ।।

ପରିଯୋଜନା ମୂଲ୍ୟାଙ୍କନ କାର୍ଯାଳୟ
ଯୋଜନା ଆୟୋଗ, ଭାରତ ସରକାର
ଭୁବନେଶ୍ୱର

# ଅଭିଳାଷା

ପରିଣିତା ସାହୁ

ଜଗତର ନାଥ ତୁହି ହେ ଜଗନ୍ନାଥ !
ଶ୍ରୀ ମନ୍ଦିର ଚୂଳେ ତୋର ଉଡ଼ଇ ନେତ ।

ହୃଦେ ଇଚ୍ଛା ଭରିଅଛ ଅନେକ ମୋର,
ଦୋଷ ମୋର ଧରିବୁନି ଯୋଡ଼ୁଛି କର ।

ମୟୁର ପରଟିଏ କି ହୋଇଥାନ୍ତି ମୁହିଁ,
ତୋ ମଥାରେ ଲାଗିଥାନ୍ତି ସୁନ୍ଦରତା ନେଇ ।

ସୁବାସିତ ଚନ୍ଦନ କି ହୋଇଥାନ୍ତି ମୁହିଁ ,
ତୋ କପାଳେ ଲାଗିଥାନ୍ତି ଶୀତଳତା ନେଇ ।

ଫୁଲମାଳଟିଏ ହୋଇଥାଆନ୍ତି କି ମୁହିଁ,
ତୋ ଗଳାରେ ଝୁଲୁଥାନ୍ତି ପୁଲକିତ ହୋଇ ।

ପାଟ ବସ୍ତ୍ରଟିଏ ହୋଇଥାଆନ୍ତି କି ମୁହିଁ,
ତୋର ଅଙ୍ଗେ ସାଜୁଥାନ୍ତି ନିତ ନୂଆ ହୋଇ ।

ରୁପା ପାତ୍ରଟିଏ ହୋଇ ଥାଆନ୍ତି କି ମୁହିଁ,
(ତୋର) ପ୍ରସାଦ ଲାଗିରେ ତୃପ୍ତ ହେଉଥାନ୍ତି ଗୃହିଁ ।

ବଡ଼ଦାଣ୍ଡ ଧୂଳୀଟିକେ ହୋଇଥାନ୍ତି ମୁହିଁ,
ରଥ ତୋର ଗଡ଼ୁଥାନ୍ତା ମୋ ଉପର ଦେଇ ।

ଦୟାକର, ଅଭିଳାଷ ପୂର୍ଣ୍ଣ ହେଉ ମୋର,
ସାଷ୍ଟାଙ୍ଗ ପ୍ରଣାମ ତୋର ଶ୍ରୀ ପୟର ।

୮୯୭, ଲକ୍ଷ୍ମୀବାଇ ନଗର,
ନୂଆଦିଲ୍ଲୀ - ୧୧୦୦୨୩

# ସେଦିନ ଓ ଆଜି

**ଶ୍ରୀ ରାଇପ୍ରସାଦ ପଟ୍ଟନାୟକ**

ହେ ସମ୍ରାଟ,
ବସି ତବ ପ୍ରସସ୍ତ ଚଟାଣେ,
ଭାଳୁ ଆମେ ଆଜି,
ଥିଲା ଦିନେ ରାଜତନ୍ତ୍ର ।
ଆଉ ତୁମ୍ଭ ମସ୍ତକରେ ହେଉଥିଲା
ପୁଷ୍ପର ବର୍ଷଣ ।
ଆଜି ତାହା କିନ୍ତୁ ଶୂନ୍ୟ ।
ଉଡ଼ିଗଲା ପକ୍ଷୀଗଣ ନର୍ଭୟେ,
ମଳତ୍ୟାଗ କରୁଛନ୍ତି ମସ୍ତକେ ତୁମ୍ଭରି ।
ଆଜି କିନ୍ତୁ ଗଣତନ୍ତ୍ର !
ଭୋଟ ଜିଣି ଯେଉଁ ଦଳ ଆସନ୍ତି ଶାସନେ,
ସେ କି ନୁହେଁ ରାଜତନ୍ତ୍ରେ ରାଜାଙ୍କ ସମାନେ ।
ଆଜି ଯେଉଁ ରାଜ୍ୟେ,
ତ୍ରିତଳ ପ୍ରସାଦ ଉପରୁ,
ଫିଙ୍ଗନ୍ତି କୋବିଚୋପା ଫ୍ରିଜ ମଧ୍ୟରୁ,
ଆଉ ନିମ୍ନେ ବୁଢ଼ୀ ବୁଢ଼ୀ ସେହି କୋବି ଚୋପା
ସିଝାଇ ଚୁଲିରେ,
ବିତାନ୍ତି ଜୀବନ କାଳ ଭାଗ୍ୟକୁ ଆଦରି ।
ଆଜି ଯେଉଁ ରାଜପଥେ,
ବାଇକ୍‌ର ନିଷ୍ଠୁର ଆବାଜେ
ଶୁଭେ ନାହିଁ ଭୁଭୁକ୍ଷୁର ଆର୍ତ୍ତନାଦ ଓ
ଦରିଦ୍ରର ହାଅନ୍ନ ବ୍ୟାଞ୍ଜନା ।
ତେବେ କେତେ ଦିନେ ସମାଧାନ ହେବ
ସେଦିନର ବ୍ୟଥା ଓ ଆଜିର ଯନ୍ତ୍ରଣା ।

କପିଳ ପ୍ରସାଦ, ଭୁବନେଶ୍ୱର

# ଆତ୍ମ ନିବେଦନ

**ଶ୍ରୀ ରାଇପ୍ରସାଦ ପଟ୍ଟନାୟକ**

ନଭୁଲ ନଭୁଲ ମନ କୃଷ୍ଣ ଭଗବାନ ।
ଗୃହେ ରହି କର ସଦା ଶ୍ରୀକୃଷ୍ଣ ଭଜନ ॥

ଗୃହୀଣାଂ ଗୃହ ଦେବତା କୃଷ୍ଣ ଦୟାମୟ ।
ଯଥା ତଥା ନିଅ ନାମ ମିଳିବ ଅଭୟ ॥

କଳିଯୁଗେ ଅବତାରୀ ଶ୍ରୀକୃଷ୍ଣ ଚୈତନ୍ୟ ।
ରାଧାଭାବ ଦ୍ୟୁତିଚୋରା ଗୌର ଭଗବାନ ॥

ଶ୍ରୀ ରାଧାରମଣ ରୁପେ ନାମ କରେ ଦାନ ।
ଭଜରେ ଭଜରେ ମନ ଶ୍ରୀ ରାଧାରମଣ ॥

ବ୍ୟାକୁଳ ପ୍ରାଣେ ଡ଼ାକିଲେ ପାଇବୁରେ ଦେଖା ।
ଅଗତିର ଗତି ଦିନ ଜନ ପ୍ରାଣ ସଖା ॥

ଅମାବାସ୍ୟା ଅନ୍ଧକାର ହେବ ପୌର୍ଣ୍ଣମାସୀ ।
ଭଜମନ ବ୍ରଜବନ୍ଧୁ ବରଜର ଶଶୀ ॥

କୃପାବିନ୍ଦୁ ଦାନ କର ଶ୍ରୀ ଚକାନୟନ ।
ମାୟା, ମୋହ, ଅଭିମାନେ ଆମ୍ଭେ ଅତିହୀନ ॥

ନିଜଗୁଣେ ଦୟାକର ପତିତପାବନ ।
ତୁମ୍ଭ ନାମ ଗାଇଗାଇ ଯାଉ ପିଣ୍ଡୁ ପ୍ରାଣ ॥

କପିଳ ପ୍ରସାଦ, ଭୁବନେଶ୍ୱର

# ମୋ ପରିବାର

ଅମିତ କୁମାର ଦେ

ବାପା, ମାଆ, ଭାଇ ମିଶି
ଏ ମୋ ପରିବାର,
ଏବର ସମାଜେ ନାହିଁ
ତାର ପଟାନ୍ତର ।
ବାଲୁତରୁ ବଢ଼ି ମୁଁ ଯେ
କୋଡ଼ିଏରେ ଅଛି,
ତଥାପି ପିତା ମାତାଙ୍କୁ
ଛାଡ଼ି ନ ପାରୁଛି ।
ଭର୍ତ୍ତୀ ହେଲା ଦିନଠାରୁ
ଡ଼ିଗ୍ରୀ କଲେଜରେ,
ବାପା ବୁଝାଇ ଗୁଲିଲେ
ରହ ହଷ୍ଟେଲରେ ।
ମାଆ କିନ୍ତୁ ମୋ ପଛରେ
ହୋଇଗଲେ ଛିଡା,
ବାପାଙ୍କୁ ବୁଝାଇ ଦେଲେ
ମୋ ମନର ପିଡ଼ା ।
ଭାଇମଧ୍ୟ ମାଆଙ୍କର
ସଙ୍ଗେ ଏକ ମତ,
ବର୍ଣ୍ଣନା କଲେ ସମସ୍ତ
ଗୋଷ୍ଠିର ମହତ୍ୱ ।
ପରିବାର ପରି ଗୋଷ୍ଠି
ଏ ସଂସାରେ ନାହିଁ,
ତାଠୁ ବଡ଼ ସାଥୀ ସିଏ
ପାଇବ ଯେ କାହିଁ ।
ବୁଝିଗଲେ ବାପା, ଭାଇ
ବାର୍ତ୍ତାଳାପ ଶୁଣି,
ହଷ୍ଟେଲ ରହିବା ଆଣ୍ଟ
ନ କରିଲେ ପୁଣି ।
ସେହି ଦିନୁ ଘରେ ରହି
ପଢୁଛି ମୁଁ ପାଠ,
ମାତାଙ୍କୁ ମୋ ସର୍ବଦାବି
କରୁଛି ପଇଠ ।
ପ୍ରଭାତୁ ଜାଗ୍ରତ ମାତ୍ରେ
ସବୁକାମ ଛାଡ଼ି,
ମାଆ ଲାଗି ଥାନ୍ତି ମୋର
ଟିଫିନ୍ ସଜାଡ଼ି ।
ନିତ୍ୟକର୍ମ ସାରି ବାପା
ପ୍ରସ୍ତୁତ ଥାଆନ୍ତି,
ମୋତେ ଛାଡ଼ି ଷ୍ଟେସନରେ
ଦପ୍ତର ଯାଆନ୍ତି ।
ଅଫିସରୁ ଥାଇ ଭାଇ
କରଇ ତତ୍ପର,
କେତେବେଳେ କ୍ଲାସ ସାରି
ଫେରିବି ମୁଁ ଘର ।
ମୋର ପରିବାର ବୁଝେ
ମୋର ଭଲ ମନ୍ଦ,
ଯା' ଠାରୁ ପାଉଛି ମୁହିଁ
ସ୍ୱର୍ଗୀୟ ଆନନ୍ଦ,
ଏ ପୃଥିରେ ଯେତେଦିନ
ଥିବ ପ୍ରାଣ ପିଣ୍ଡେ,
ପରିବାର ମୋ ସଂସାର
ଭୁଲି ବିନି ଦଣ୍ଡେ ।
ମାଗେଭିକ୍ଷା ଅଗ୍ରେ ଆଜି
ହେ କରୁଣା କର,
ପରିବାର ଠାରୁ ମୋତେ
ନ କର ହେ ଦୂର ।

ଡି: ୧ ୬.୧୧, ଲୋଧି କଲୋନୀ,
ନୂଆଦିଲ୍ଲୀ- ୩.

# ଯୁଗାବତାର

ଡକ୍‌ଟର ପ୍ରଭାବତୀ ନାୟକ

ଈଶ୍ୱର ସଚ୍ଚିଦାନନ୍ଦମୟ, ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି ଏଇ ମନୁଷ୍ୟ ମଧ୍ୟ ସଚ୍ଚିଦାନନ୍ଦର ପ୍ରତୀକ ସ୍ୱରୂପ ଅଟେ । ସତ୍ ଅର୍ଥାତ୍ ଅସ୍ତିତ୍ୱ ବା ସ୍ଥିତି, ଚିତ୍ ଅର୍ଥାତ୍ ଚେତନା ଓ ଆନନ୍ଦ ଅର୍ଥାତ୍ ବୃଦ୍ଧି । ତେଣୁ ଏହି ମର୍ମରେ ବୁଝିଲେ ମନୁଷ୍ୟ ବଞ୍ଚିବାକୁ ଚାହେଁ, ଚେତନ ରହିବାକୁ ଚାହେଁ ଓ ବୃଦ୍ଧି ପାଇବାକୁ ଚାହେଁ । ଧର୍ମ ମାନେ ମଧ୍ୟ ତାହା ଯାହା ବଞ୍ଚିବା ଓ ବଢିବାରେ ସାହାଯ୍ୟ କରେ । କିନ୍ତୁ ଯେତେବେଳେ ଏ ସବୁର ବିପରୀତ ଘଟେ ଅର୍ଥାତ୍ ମନୁଷ୍ୟର ଅସ୍ତିତ୍ୱ ରକ୍ଷା କରି ହୁଏନା ବଞ୍ଚିବା ଦୁରୂହ ହୋଇପଡ଼େ, ଚେତନ ରହି ମଧ୍ୟ ଅଚେତନ ଭଳି କାର୍ଯ୍ୟ କରେ ତଥା ବଞ୍ଚିବା ବଢ଼ିବା ନୀତିର ବିପରୀତ ଦିଗରେ ଚାଲେ, ସେତେବେଳେ ତା'ର ଅମୃତତ୍ୱ ଲୋପ ପାଏ । ସେ ହୁଏ ଦିଗ ହରା, ତା'ର ଅନ୍ତରାତ୍ମା ଆହ୍ୱାନ କରେ ଜଣେ ପଥ ପ୍ରଦର୍ଶକଙ୍କୁ । ସେତେବେଳେ ହିଁ ଭଗବାନ ଆବିର୍ଭୂତ ହୁଅନ୍ତି ତୃଷିତ ପ୍ରାଣରେ ଅମୃତ ବାରି ସିଞ୍ଚନ ପାଇଁ ।

ଯୁଗେ ଯୁଗେ ଏହିପରି ଆସିଛନ୍ତି ସେ ରାମ, କୃଷ୍ଣ ରୂପରେ । ପୁଣି ଆସିଛନ୍ତି । ମହମ୍ମଦ, ଯୀଶୁଖ୍ରୀଷ୍ଟ, ଶ୍ରୀ ଚୈତନ୍ୟ ରାମକୃଷ୍ଣଙ୍କ ରୂପରେ । ସେ ଆସିଛନ୍ତି, ପରିତ୍ରାଣର ମାର୍ଗ ଦର୍ଶାଇବା ପାଇଁ, ଅଧର୍ମ, ଅତ୍ୟାଚାର ଅନ୍ୟାୟ, ଶୋଷଣ ଓ ଧର୍ଷଣର ବିଭୀଷିକାରେ ଯବନିକା ଟାଣିବା ପାଇଁ । ବିପର୍ଯ୍ୟସ୍ତ ଦା-ତ୍ୟ ଜୀବନ, ରାଷ୍ଟ୍ରୀୟ ଜୀବନ ଓ ସାମାଜିକ ଜୀବନକୁ ସଜାଡ଼ି ଦେବା ପାଇଁ ।

ଏହିଭଳି ଆସିଥିଲେ ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଠାକୁର ଶ୍ରୀ ଶ୍ରୀ ଅନୁକୂଳ ଚନ୍ଦ୍ର ଆଜିଠାରୁ ୧୨୫ ବର୍ଷ ତଳେ ଅବିଭକ୍ତ ପୂର୍ବ ବଙ୍ଗଳା ପ୍ରଦେଶର ପାବନା ଜିଲ୍ଲାର ହିମାୟିତ ପୁର ଗ୍ରାମରେ ୧୮୮୮ ମସିହା ସେପ୍‌ଟେମ୍ବର ୧୪ ତାରିଖ ଶୁକ୍ରବାର ପ୍ରାତଃ ୭. ୦୫ ମିନିଟ ଓ ପବିତ୍ର ତାଳନବମୀ ତିଥିରେ ତାଙ୍କର ଜନ୍ମ । ପିତା ଶିବଚନ୍ଦ୍ର ଚକ୍ରବର୍ତ୍ତୀ ଓ ମାତା ମନୋମୋହନୀ ଦେବୀ ଅଟନ୍ତି । ଜନ୍ମ ସମୟର ବେଶ ଅସାଧାରଣ ଥିଲା । ମସ୍ତକ କେଶ ହୀନ, ଗୌରବର୍ଣ୍ଣ ଶିଶୁ, ମୁଖ ମଣ୍ଡଳ ପୁଣି କ୍ରନ୍ଦନ ପରିବର୍ତ୍ତେ ଥିଲା ହସ ହସ । ମାତୃ ଗର୍ଭରେ ୧୦ ମାସ ପରିବର୍ତ୍ତେ ସ-ୂର୍ଣ୍ଣ ୧୦ ମାସ ଅବସ୍ଥାନ କରି ଜନ୍ମ ହୋଇଥିଲେ ।

ନାନା ଦିବ୍ୟ ସ୍ମୃତିରେ ପରିପୂର୍ଣ୍ଣ ତାଙ୍କର ଶୈଶବ, ପାଞ୍ଚ ବର୍ଷର ଶିଶୁ କବିରାଜଙ୍କର କାନକୁଟ ବିଷ ମିଶ୍ରିତ ସନ୍ନିପାତ ରୋଗର ନିଦାନ ପାଇଁ ତିଆରି ଔଷଧ ବଟିକାକୁ ଖାଇ ନୀଳକଣ୍ଠଙ୍କ ପ୍ରାୟ ହଜମ କରିଥିଲେ । ଭକ୍ତର ଆକୁଳ ପ୍ରାର୍ଥନାଙ୍କୁ ରକ୍ଷା କରି ବାଳଗୋପାଳ ମୂର୍ତ୍ତି ସ୍ଥାନରେ ନିଜେ ଯାଇ ଉପବିଷ୍ଟ ହୋଇଥିଲେ । ବର୍ଷଣ ମୁଖର ସନ୍ଧ୍ୟାରେ ତୀବ୍ର ବେଗରେ ବହୁଥିବା ନାଳରେ ପଡ଼ିଯାଇ ଆଲ୍ଲା ବଚାଓ ଚିତ୍କାର କରୁଥିବା ବୃଦ୍ଧ ମୁସଲମାନଙ୍କୁ ରକ୍ଷାକରିଥିଲେ ମୃଗୁଣୀର ସ୍ତୁତି ଓ ଗଜରାଜର ଆର୍ତ୍ତ ଚିତ୍କାର ଶୁଣି ଉଦ୍ଧାରି ଥିବା ଭଳି ଅଭାବଗ୍ରସ୍ତ ସାଥିଙ୍କୁ ସମଗ୍ର ପୋଷାକ ଦେଇ ଉଲଗ୍ନ ହୋଇ ଘରକୁ ଫେରିବା, ଏଣ୍ଟ୍ରାନ୍‌ସ ପରୀକ୍ଷାର ଫିସ୍‌କୁ ଅନ୍ୟ ସାଥି ପାଇଁ ଦାଖଲ କରି ପରୀକ୍ଷାରୁ ବଞ୍ଚିତ ହେବା ଇତ୍ୟାଦି ବହୁ ଘଟଣା ତାଙ୍କର ପ୍ରେମ ଦରଦୀ ହୃଦୟକୁ ଉଦ୍‌ଭାଷିତ କରେ ।

ସେ ହୋଇଛନ୍ତି ପୁଣି ମଣିଷର ଦେହ ରୋଗ ତଥା ମନୋରୋଗର ଚିକିତ୍ସକ । ମାତ୍ର ୨୨ ବର୍ଷ ବୟସରେ ଲେଖିଛନ୍ତି 'ସତ୍ୟାନୁସରଣ' ଗ୍ରନ୍ଥ ଯାହା ମନୁଷ୍ୟ ମନର ସବୁ ସମସ୍ୟାର ଗ୍ରନ୍ଥି ଉନ୍ମୋଚନ କରି ସମାଧାନର ପନ୍ଥା ବାହାର କରେ । କୀର୍ତ୍ତନର ଭାବାବେଗରେ ଭାବଗ୍ରାହୀଙ୍କର ହୁଏ 'ମହା ଭାବ ସମାଧି' । ସେତେବେଳେ ନିର୍ଗତ ହୁଏ ଭାବବାଣୀ- 'କିଏ କେଉଁଠି ଅଛ ଶିଖ୍, ବୌଦ୍ଧ, ଖ୍ରୀଷ୍ଟିଆନ, ଜୈନ, ବ୍ରାହ୍ମଣ, ବୈଷ୍ଣବ ସମସ୍ତେ ଏକ ପରମାତ୍ମାର ଭାବରେ ଭାବିତ ହୁଅ । ତୋର ସବୁ ଜ୍ୱାଳା ଯନ୍ତ୍ରଣା

ମୋରି ହାତରେ ପୋଛି ଦେବି । ଅନ୍ତରେ ଅନ୍ତରେ ନାମ କର । ନାମରେ ଡୁବି ଯାଅ । ମୁଁ ଅନାମୀ, ତୋହର ଅନ୍ତରେ ଅନ୍ତରେ ଜାଗି ଉଠିବି । ତୋର ଆତ୍ମାରେ ମୁଁ ଜାଗି ଉଠିବି । ସମସ୍ତଙ୍କୁ କୁହ- ଭୟ ନାହିଁ- ଚିନ୍ତା ନାହିଁ.....ମୋ ପାଖକୁ ଛୁଟି ଆସ । ମୁଁ ତୋତେ ଶାନ୍ତି ଦେବି ।''

ସେହି ଦିନରୁ ହେଲା ପାବନାରେ ମହାମାନବର ଆବିର୍ଭାବ କେତେ ଆଡ଼ୁ ଛୁଟି ଆସିଲେ ଆର୍ତ୍ତୀ, ଅର୍ଥାର୍ଥୀ, ଜିଜ୍ଞାସୁ, ପତିତ, ସେମାନଙ୍କୁ କୋଳେଇ ନେଇ ତାକୁ ସତ୍‌ନାମରେ ଦୀକ୍ଷିତ କଲେ । ଆଉ ସତ୍‌ସଙ୍ଗ ଆନ୍ଦୋଳନର ସୂତ୍ରପାତ ହେଲା । ସେ କହିଲେ ମଣିଷକୁ ଜୀବନ ବାଦର କଥା । ପୁଣି ଇଷ୍ଟ କୈନ୍ଦ୍ରିକ ଚଳଣିର କଥା, ଆଦର୍ଶର କଥା । ସଦାଗୃହର କଥା ଓ ପରିବାରର କଥା- ''ମା ମ୍ରିୟସ୍ୱ, ମା ଜହି, ଶକ୍ୟତେ ଚେତ୍ ମୃତ୍ୟୁସବ ଲୋପ, ମରନା, ମାରା, ପାରତ ମୃତ୍ୟୁକୁ ଅବଲୁପ୍ତ କର ।

ପୁଣି କହିଲେ - ସତ୍ତା ସଚ୍ଚିଦାନନ୍ଦ ମୟ

ଅସତ୍ ନିରୋଧୀ ସ୍ୱତଃ ହିଁ

ସଚ୍ଚିଦାନନ୍ଦର ପରିପୋଷକ ଯା ତା' ହିଁ ଧର୍ମ ।

ଧର୍ମ ମୂର୍ତ୍ତ ହୁଏ ଆଦର୍ଶରେ ।

ତାଙ୍କର ଅନୁରାଗିଣୀ ହେଲେ ଷୋଡ଼ଶୀ ବାଳା - ଲକ୍ଷ୍ମୀ ମା' । ସ୍ୱାମୀ ମନୋବୃତ୍ତ୍ୟାନୁ ସାରୀଣି, ବିଶ୍ୱ କଲ୍ୟାଣମୟୀ ଜଗଜ୍ଜନନୀ, ତ୍ରିନୟନୀ ଦେବୀ ତନୟା ବଡ଼ମା' । ଅପୂର୍ବ ଦା-ତ୍ୟ

ଜୀବନର ନିଚ୍ଛକ ପ୍ରତିଛବି ତାଙ୍କର , ନିଷ୍ଠା, ଧର୍ମ, ଶୁଶ୍ରୂଷା, ସେବା, ସାହାଯ୍ୟ, ସଂରକ୍ଷଣ, ପ୍ରେରଣା ଓ ପ୍ରଜନନ ଇତ୍ୟାଦି ଅଷ୍ଟ ବୈଶିଷ୍ଟ୍ୟର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବଡ଼ମା' ।

ଏହିଭଳି ବୈଶିଷ୍ଟ୍ୟ ପାଳି ଆପୂରୟ ମାତା ବିଧାତା ପୁରୁଷଙ୍କୁ କୋଟି କୋଟି ପ୍ରଣାମ । ତାଙ୍କରି ଆଦର୍ଶରେ ସମଗ୍ର ପୁରୁଷ ଓ ନାରୀ ଜାତି ଉଦ୍‌ବୁଦ୍ଧ ହୋଇ ଉଠନ୍ତୁ ସଂଗଠିତ ହୋଇ ଉଠନ୍ତୁ । ଜୀବନୀୟ ହୋଇ ଉଠନ୍ତୁ ତାଙ୍କରି କରୁଣାଧାରା ସମଗ୍ର ବିଶ୍ୱରେ ପ୍ଲାବିତ ହୋଇ ରୋଗ, ଦୋଷ, ବିପ୍ରାତ, ଅଶୁଭ ସବୁକିଛି ଧୋଇ ନେଇ ଯାଉ । ସେ ବଞ୍ଚି ରୁହନ୍ତୁ ଆମର ଚଳଣିରେ ଚିନ୍ତା ଓ କର୍ମରେ । ଦୀକ୍ଷା ହେଉ ସାର୍ଥକ ମୁକ୍ତି ପ୍ରଦାୟକ ବନ୍ଦେ ପୁରୁଷୋତ୍ତମମ୍ ।

(ପୁଣ୍ୟ ୧୨୫ ତମ ଜନ୍ମ ତିଥି ସ୍ମରଣେ)

●●●

# ଓଡ଼ିଶାର ସଂସ୍କୃତି

ନନ୍ଦିତା ମିଶ୍ର

ସଂସ୍କୃତି ଏକ ବ୍ୟାପକ ଅର୍ଥ ବୋଧକ ଶବ୍ଦ, ଏହା ମଣିଷର ସର୍ବବିଧ କ୍ରିୟା କଳାପରେ ଲିଖିତ, କଥିତ ଭାବ, ଭାଙ୍ଗିଓ ଭାଷା ପ୍ରକାଶର ଚିହ୍ନ ରୂପେ ବ୍ୟକ୍ତ କରାଯାଇପାରେ । ଓଡ଼ିଶାର ମାନବ ମାନଚିତ୍ରରେ ବିଶେଷତଃ ଦୁଇଟି ପ୍ରଜାତି ପ୍ରତିଫଳିତ ହୁଅନ୍ତି । ଆର୍ଯ୍ୟ ଗୋଷ୍ଠୀ ଓ ଆଦିବାସୀ ଗୋଷ୍ଠୀ । ଆଦିବାସୀ ମାନେ ରାଜ୍ୟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ ଓଡ଼ିଶାର ସଂସ୍କୃତି ଏହି ୨ ଗୋଷ୍ଠୀ ର ପ୍ରତିଫଳନ ।

ଶ୍ରୀ ଜଗନ୍ନାଥ ସଂସ୍କୃତି ଯୁଗଯୁଗ ଧରି ଓଡ଼ିଶାର ଇତିହାସ ସହିତ ସମନ୍ୱିତ । ଶ୍ରୀ ଜଗନ୍ନାଥ ଉତ୍କଳୀୟ ଜନ ଚେତନାରେ ଲୌକିକ ଓ ଅତି ପାର୍ଥିକ ସ୍ତରରେ ବିରାଜିତ ସେ ଏହି ଭୂଖଣ୍ଡର ରାଷ୍ଟ୍ରଦେବତା ଏବଂ ତା' ଠାରୁ ଅଧିକ ବ୍ୟାପକଅର୍ଥରେ ସେ ଏହାର ଲୋକ ଦେବତା ବେଦରେ ଶ୍ରୀ ଜଗନ୍ନାଥଙ୍କ ପ୍ରାଚୀନତା ସମ୍ବନ୍ଧରେ ସୂଚନା ମିଳିଥାଏ । ଶ୍ରୀଜଗନ୍ନାଥ ଶାବର ଦେବତା । ଜଗନ୍ନାଥ ଧର୍ମ ଏବଂ ଉପାସନାରେ ଶାବର ସଂସ୍କୃତିର ପ୍ରଭାବ ଓ ପ୍ରତିଷ୍ଠା ଲକ୍ଷ୍ୟ କଲେ ବିଶ୍ୱାସ ଜନ୍ମେ ଯେ ଶ୍ରୀ ଜଗନ୍ନାଥ ହେଉଛନ୍ତି ଶବର ଉପାସିତ ଦାରୁ ଦେବତାର ରୂପାନ୍ତର । ଜଗନ୍ନାଥ ଉପାସନା ଶାବର ସଂସ୍କୃତିରୁ ଉଦଭବ ହୋଇ ଆଦିବାସୀ ସମାଜରେ ବିକାଶ ଲାଭ କରିବା ପରେ ବିଭିନ୍ନ ଆଧ୍ୟାତ୍ମିକ ମାର୍ଗ ମାଧ୍ୟମରେ ବ୍ରାହ୍ମଣ୍ୟ ଧର୍ମରେ ପ୍ରତିଷ୍ଠା ଲାଭ କରିଛି । ଓଡିଶା ସଂସ୍କୃତି ଓ ସାହିତ୍ୟରେ ଜଗନ୍ନାଥ ବୁଦ୍ଧ ରୂପରେ ପ୍ରତିଷ୍ଠିତ । ବୁଦ୍ଧଙ୍କୁ ବିଷ୍ଣୁଙ୍କ ଦଶ ଅବତାର ମଧ୍ୟରୁ ନବମ ଅବତାର ଭାବରେ ଗ୍ରହଣ କରାଯାଇଛି । ଜଗନ୍ନାଥ ମନ୍ଦିରର ସିଂହଦ୍ୱାର ର ଉପରବନ୍ଧରେ ଥିବା ଦଶାବତାର ଚିତ୍ରରେ ନବମ ଅବତାର ବୁଦ୍ଧଙ୍କ ସ୍ଥାନରେ ଜଗନ୍ନାଥ ହିଁ ସ୍ଥାପିତ ହୋଇଛନ୍ତି । ଉତ୍କଳର ବିଖ୍ୟାତ ବୈଷ୍ଣବ କବି ଜୟଦେବ ଗୀତ ଗୋବିନ୍ଦ ମହାକାବ୍ୟରେ ବୁଦ୍ଧଦେବଙ୍କୁ ବିଷ୍ଣୁଙ୍କ ନବମ ଅବତାର ରୂପେ କଳ୍ପନା କରି ପ୍ରାର୍ଥନା କରିଛନ୍ତି । ନିଜେ ପ୍ରଭୁ ଜଗନ୍ନାଥ ଅବତାରୀ, କିନ୍ତୁ ଅବତାର ନୁହନ୍ତି ।

ଓଡ଼ିଶାର ସଂସ୍କୃତିରେ ଶାକ୍ତ ଚେତନାର ପ୍ରଭାବ ଅତି ବଳବତ୍ତର । ଶ୍ରୀକ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ବିମଳା । କାଳିକା ପୁରାଣରେ ଓଡ଼ିଶାକୁ 'ତନ୍ତ୍ର'ର ପ୍ରଥମ ପୀଠ ବୋଲି କୁହାଯାଇଛି । 'ଶୈବ' ଧର୍ମର ପ୍ରଭାବ ଓଡ଼ିଶାର ସଂସ୍କୃତି ଉପରେ ମଧ୍ୟ ପଡ଼ିଅଛି । କିନ୍ତୁ ଜଗନ୍ନାଥ ସଂସ୍କୃତିର ପ୍ରାଧାନ୍ୟ ଉଲ୍ଲେଖନୀୟ ।

ଦ୍ୱିତୀୟ ଅନଙ୍ଗଭୀମ ଦେବ ଶ୍ରୀ ମନ୍ଦିରରେ ଦେବଦାସୀ ନୃତ୍ୟ ଓ ସଙ୍ଗୀତର ଆୟୋଜନ କରିଥିଲେ । ଆଜିର ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟର ଏହା ଥିଲା ଆଦି ସ୍ମରଣ । ଓଡ଼ିଶୀ ଚିତ୍ର ଶିଳ୍ପର ରୂପ କଳ୍ପନାରେ ଶ୍ରୀଜଗନ୍ନାଥ ପ୍ରମୁଖ । ଏହି ତ୍ରିମୂର୍ତ୍ତିଙ୍କ ବିଭିନ୍ନ ବେଶ, ଶ୍ରୀ ମନ୍ଦିରର ଦୃଶ୍ୟ, ଦଶବତାର ଦୃଶ୍ୟ ବର୍ଣ୍ଣନା ନିମନ୍ତେ ଓଡ଼ଶୀ ପଟ୍ଟଚିତ୍ର ପରଂପରା ବିଶ୍ୱଜନାହତ । ସଂସ୍କୃତିର ଏକ ମୁଖ୍ୟ ସାହିତ୍ୟ ମାନବ ସମାଜର ବିକାଶ କାଳରୁ ସୃଷ୍ଟି ହୋଇ ଏକ ନିର ବିଚ୍ଛିନ୍ନ ବିବର୍ତ୍ତନର ସ୍ରୋତ ମଧ୍ୟରେ ପ୍ରବାହିତ ହେଉଛି । ପ୍ରଥମେ ଏହା କଥିତ ସାହିତ୍ୟ ରୂପେ ତିଷ୍ଠି ରହିଥିଲା । କ୍ରମଶଃ ଏହା ଲିଖିତ ସାହିତ୍ୟ ଦିଗକୁ ଗଡ଼ି ଗଲା 'ବିକ୍ରମଖୋଲ' ପାହାଡର ପ୍ରସ୍ତର ଗାତ୍ରରେ ଉତ୍କୀର୍ଣ୍ଣ ଛବିଲିପି ଏ ଦିଗରେ ପ୍ରଥମ ପଦକ୍ଷେପ ବୋଲି ଗଣାଯାଏ।

ଏହାପରେ ଅଶୋକଙ୍କ ଶିକାଲିପି ଧଉଳି ଓ ଜଉଗଡ଼ ପର୍ବତ ଗାତ୍ରରେ ଉତ୍କୀର୍ଣ୍ଣ ହୋଇଥିଲା । ଏହି ସମୟରେ ଲୋକ ସାହିତ୍ୟ ଓ ସଂସ୍କୃତି ନିଶ୍ଚିତ ଭାବରେ ବିବର୍ତ୍ତିତ ହୋଇଥିଲା । ହିନ୍ଦୁଧର୍ମର ଅବକ୍ଷୟ ଓ ବୌଦ୍ଧ ତଥା ଜୈନ ଧର୍ମର ପ୍ଲାବନରେ ଓଡ଼ିଶା ପ୍ରଭାକତ ହୋଇଥିଲା । ଅଶୋକଙ୍କ ଶିଳାଲିପି ମାନଙ୍କରେ ଓଡ଼ିଆ ଭାଷାର କେତକ ଆଦ୍ୟ ସୂଚନା ପଣ୍ଡିତମାନଙ୍କ ଦ୍ୱାରା ଆବିଷ୍କୃତ ହୋଇଛି । ପାଲିଭାଷାରେ ଓ ବ୍ରାହ୍ମୀଲିପି ସେହି ସମୟରେ ସୃଷ୍ଟି । ଖାରବେଳଙ୍କ ସମୟକୁ ଧର୍ମ ସଂଘର୍ଷ ସତ୍ତ୍ୱେ ହିନ୍ଦୁ, ବୌଦ୍ଧ, ଜୈନମାନଙ୍କ ସହିତ ଆଦୀବାସୀ ସଂସ୍କୃତି ମଧ୍ୟ ତିଷ୍ଠି ରହିଥିଲ ।

ହାତୀ ଗୁ-ାର ଶିଳାଲିପିରେ ଓଡ଼ିଆ ଭାଷାର କେତକ ଶବ୍ଦ ବିଭିବର ପରିଚୟ ମିଳିଥାଏ । ବ୍ରାହ୍ମୀ ଲିପିର ପ୍ରସାର ଏହି ସମୟରେ ରହିଥିଲା । ଏହାର ପରବର୍ତ୍ତୀ କାଳରେ ଓଡ୍ରବିଭାଷା ପ୍ରଚଳିତ ଥିଲା ଏବଂ ଏଥିରୁ ଓଡ଼ିଆ ଭାଷାର ବିକାଶ ହୋଇଥିବା ପ୍ରାକୃତ ଭାଷା ବିବର୍ତ୍ତିତ ହୋଇ ଓଡ଼ିଆରେ ରୂପାନ୍ତରିତ ହେଲା । ପାଲି ଅପଭ୍ରଂଶ ଠାରୁ ଓଡ୍ରଭାଷା ଓ ଚର୍ଯ୍ୟା ଗୀତିକା ପର୍ଯ୍ୟନ୍ତ ବିବର୍ତ୍ତିତ ଓଡ଼ିଆ ଭାଷାର ରୂପ ଆଦିବାସୀ ଅଞ୍ଚଳର କଥିତ ଭାଷାର ବ୍ୟାପକ ପ୍ରଭାବରୁ ସୃଷ୍ଟି ହୋଇଥିଲା । ଏହାପରେ ସୋମବଂଶୀ ଓ ଗଙ୍ଗବଂଶୀଙ୍କ ରାଜତ୍ୱ ୧୦୫୧ ସାଲରେ ବ୍ରଜହସ୍ତଦେବଙ୍କ ଶିଳାଲିପିର ଭାଷା ଓଡ଼ିଆ ଗଙ୍ଗବଂଶୀଙ୍କ ସମୟକୁ ଓଡ଼ିଆ ଏକ ଉନ୍ନତ୍ତ ଭାଷାରେ ପରିଣତ ହୋଇ ସାରିଥିଲା । ନାଥ ସାହିତ୍ୟର ବିକାଶ ଏହି ସମୟରେ ହୋଇଥିଲା । ଗଙ୍ଗମାନଙ୍କ ପରବର୍ତ୍ତୀ ଓଡ଼ିଆ ସାହିତ୍ୟ କଥିତ ଭାଷାକୁ ଅଧିକ ପରିମାଣରେ ବ୍ୟବହାର କରିଥିଲେ । ସାରଳାଦାସଙ୍କ ରଚନାସମୂହ ଏହାର ପ୍ରକୃଷ୍ଟ ଉଦାହରଣ ।

ଲୋକକଳା ସଂସ୍କୃତିର ଅନ୍ୟଏକ ବିଭବ । ପ୍ରାକ୍ ଐତିହାସିକ କାଳରୁ ଏହାର ନିଦର୍ଶନ ଓଡ଼ିଶାରେ ଉପଲବ୍ଧ । ଭଲାପଗଡ଼ ମାଣକମଡା, ବିକ୍ରମଖୋଲ, ଭଷାକୋଠୀ, ଗୁଡ଼ହାଣ୍ଡି ଓ ଯୋଗୀମଠ ଏହାର ଉଦାହରଣ । ଏହାର ପରବର୍ତ୍ତୀ କାଳରେ ବୈଦ୍ଧଧର୍ମକୁ ଆଶ୍ରାକରି ଚିତ୍ରକଳାର ପ୍ରସାର ଘଟିଥିଲା ଏଥିରେ ପ୍ରସ୍ତର ଚିତ୍ରରେ ଚିତ୍ରକଳା ପରିଦୃଷ୍ଟ ହୁଏ । ରାବଣଛାୟା ବା ପ୍ରୀତାବାଂଟି ନିକଟରେ ପ୍ରସ୍ତର ଦେହରେ ଅଙ୍କିତ ଏପରି ଏକ କାଳର ନିଦର୍ଶନ ରହିଛି । ଏହାର ମୂଳ ଉତ୍ସ ବଜ୍ରଯାନ୍ୟ ବୌଦ୍ଧ ଶିଳ୍ପକଳା ଏହି ସମୟରେ ମନ୍ଦିର ଗାତ୍ରରେ ଚିତ୍ରକଳାର ପ୍ରୟୋଗ କରାଯାଇଥିଲା । ଏହାର ଉଦାହରଣ ଜଗନ୍ନାଥ ମନ୍ଦିରର ମିଳିଥାଏ । ମଧ୍ୟଯୁଗରେ ଚିତ୍ରପଟ ଅଙ୍କନ ହେବା ସଙ୍ଗେ ସଙ୍ଗେ ସେଗୁଡ଼ିକ ପୂଜା ପଦ୍ଧତିରେ ପ୍ରୟୋଗ କରାଯାଉଥିଲା । ଅଧୁନା ଯେଉଁ ଲୋକକଳାର ପଦ୍ଧତି ତିଷ୍ଠି ରହିଛି, ସେଥି ମଧ୍ୟରେ ଆଦିବାସୀ ଚିତ୍ରକଳା ପାରିବାରିକ ଚିତ୍ରକଳା ଏବଂ ପର୍ବପର୍ବାଣୀ ମାନଙ୍କରେ କରାଯାଉଥିବା ଅନୁଷ୍ଠାନିକ ଚିତ୍ରକଳାର ସୂଚନା ଦିଆଯାଇପାରେ ।

ଆମ ସମାଜରେ ଅସଂଖ୍ୟ ଦେବତାର କଳ୍ପନା ଲୋକ ବିଶ୍ୱାସରୁ ସୃଷ୍ଟ ଏବଂ ତାହା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ମାଁ' ମୁଣ୍ଡରେ, ଘରେ, ଝିଅମାନଙ୍କ ମେଳରେ ଏବଂ ଅନ୍ୟାନ୍ୟ ଗୋଷ୍ଠୀ ଜୀବନରେ ଲୋକ ଧର୍ମର ପରିଚୟ ମିଳିଥାଏ । ଖୁଦୁରୁକୁଣୀ ଓଷା, ଦୁତିଆ ଓଷା, ବୁଧୋଇ ଓଷା, ବାଟଓଷା, ଗୁରୁବାର, ଷଷ୍ଠୀ ଓଷା, ଭାଇଜୁନ୍ତିଆ, ରଜ ଆଦି ପାଳନରେ ଲୋକ ଧର୍ମର ସୂଚନା ମିଳେ । ସେହିପରି ଆଦିବାସୀ ସମାଜରେ ପ୍ରଚଳିତ ଥିବା ମକର, ବାହାପର୍ବ ଆଦି ସର୍ବଜନୀନ ଅଟେ । ଅଣ ଆଦିବାସୀ ସମାଜରେ ବିଭିନ୍ନ ମେଳଣ ଯଥା ଦୋଳ, ଜାଗର, ଚନ୍ଦ୍ରଭାଗା ବୁଡ଼, ରଥ ଯାତ୍ରା ଇତ୍ୟାଦି । ଏଗୁଡିକ ବୈଷ୍ଣବ, ଶୈବ, ସୌର ଆଦି ବିଭିନ୍ନ ଧର୍ମାନୁସାରେ ପାଳନ କରାଯାଉଥିବା ଲୋକ ଧର୍ମ ।

ଆମ ସଂସ୍କୃତିରେ ପର୍ବ ପର୍ବାଣୀର ସ୍ଥାନ ଅଛି, ପର୍ବ ଗୁଡ଼ିକ ଲୋକ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ଅଧିକାଂଶ ପର୍ବ ଆନନ୍ଦ ଉଲ୍ଲାସ ନିମନ୍ତେ ତଥା ଖାଦ୍ୟ ପଦାର୍ଥ ଉପଭୋଗ ପାଇଁ ପାଳନ କରାଯାଏ ଆଦିବାସୀ ସମାଜରେ ଏହା ତନ୍ତ୍ର ରୂପରେ ଦେଖିବାକୁ ମିଳେ । ଗୋଟିଏ ନୂଆ ଫଳ ଫଳିଲେ ତାହାକୁ ଖାଇବା ପୂର୍ବରୁ ଦେବତାଙ୍କୁ ଅର୍ପଣ କରିବା ଏକ ବିଧି । 'ନୂଆଖାଇ' ପର୍ବରେ ନୂଆ କରି ଅମଳ ହୋଇଥିବା ଧାନରେ ଖିରି କରି ପ୍ରଥମେ ଦେବତାଙ୍କୁ ଅର୍ପଣ କରାଯାଏ ଓ ସେଦି ଦିନଟିକୁ ଆନନ୍ଦ ଉଲ୍ଲାସରେ ପାଳନ କରନ୍ତି ।

ଲୋକକଳା ଆଧୁନିକତାର ସତ୍ତ୍ୱେ ଏ ପର୍ଯ୍ୟନ୍ତ ବଞ୍ଚି ରହିଛି । ଏହି ଗ୍ରାମୀଣ ସାମାଜିକ ଜନ ଜୀବନର ସାମଗ୍ରିକ, ପ୍ରାଣବନ୍ତ ଶୈଳ୍ପିକ ପରିପ୍ରକାଶ ଏହାଶାସ୍ତ୍ର ସମ୍ମତ ଧରାବନ୍ଧା ନୀତି ନିୟମର ଊର୍ଦ୍ଧ୍ୱରେ ଏହା ଏକ ସ୍ୱତସ୍ଫୂର୍ତ୍ତ କଳା । ଉଦାହରଣରେ ଆମେ ଝୋଟି, ଚିତା, ପଟ୍ଟଚିତ୍ର, ଗଞ୍ଜପା (ତାମ୍ରଉପର ଚିତ୍ର) ପୋଥିଚିତ୍ର ଏବଂ କାରୁଶିଳ୍ପ (ମୃଣ୍ମୟ ପାତ୍ର ଉପରେ କରାଯାଏ ) ଇତ୍ୟାଦି ର ପରିପ୍ରକାଶ ଦେଖିଛେ ।

ଗଞ୍ଜାମର ଶିଙ୍ଗ କାମ, କଟକର ତାରକସୀ କାମ, ପୁରୀ କାରୀଗରଙ୍କ କାଠକାମ, କାଠକଣ୍ଢେଇ ଓ ବରଗଡ଼ ସଂବଲପୁରର ଚିତ୍ରିତ କାଠ କଣ୍ଢେଇର ଶିଳ୍ପ ନୈପୁଣ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ, ବେଲଗୁଣ୍ଠାର ପିତ୍ତଳ ମାଛର ଗଠନ କୌଶଳକୁ ଲକ୍ଷ୍ୟ କଲେ ବିସ୍ମୟାଭିଭୂତ ହେବାକୁ ପଡେ ପିପିଲିର ଚାନ୍ଦୁଆ । ଉତ୍ସବରେ ଠାକୁରଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଛତି ତରାସ, ଚାନ୍ଦୁଆ ମନ୍ଦିର ମାନଙ୍କର ଭାସ୍କର୍ଯ୍ୟର ଅନୁକରଣରେ ପ୍ରସ୍ତୁତ ହୁଏ ।

ବୟନ ଶିଳ୍ପ ପାଇଁ ଓଡ଼ିଶା ବିଖ୍ୟାତ ସମ୍ବଲପୁର, ତିଗିରିଆ, ବୌଦ୍ଧ, ଫୁଲବାଣୀ ମାଣିଆବନ୍ଧ, କଟକ ଇତ୍ୟାଦିରେ ବୁଣା ହେଉଥିବା ଶାଢୀ, ପରଦା, ବିଛଣା ଚାଦର ମଣ୍ଡିତ କରୁଥିବା ବିଭିନ୍ନ ଚିତ୍ରକଳ୍ପ ଲୋକ ଶିଳ୍ପର ନମୁନା ବହନ କରେ । ମାଟି କଣ୍ଢେଇ ତିଆରି ଏକ ପୁରାତନ ହସ୍ତଶିଳ୍ପ । ବରପାଲି ଏବଂ କେଉଁଟ୍ରର ପୋଡ଼ା ମାଟିର ଘୋଡ଼ା ଏବଂ ବିଭନ୍ନ ସାମଗ୍ରୀ ବେଶ୍ ଆଦୃତ । ଡ଼ୋକ୍ରା କଣ୍ଢେଇ ଏକ ଆଦିବାସୀ ହସ୍ତଶିଳ୍ପ । ତମ୍ବା ପିତ୍ତଳ ମିଶ୍ରିତ ଧାତୁରେ ତାର ଯୋଡ଼େଇ କରି ବିଭିନ୍ନ ସୁନ୍ଦର ପଶୁ ପକ୍ଷୀ, ଦେବା ଦେବୀ ମୂର୍ତ୍ତି, ପାନବଟା ଓ କରାଟ ତିଆରି ହୁଏ ।

କୁଟାରେ ମାଟିର ପ୍ରଲେପ ଦେଇ ମୂର୍ତ୍ତି ତିଆରି କରିବାରେ କଟକର କାରୀଗର ମାନେ ସିଦ୍ଧହସ୍ତ । ଦୁର୍ଗାମେଢ, ସରସ୍ୱତୀ, ଗଣେଷ, ଲକ୍ଷ୍ମୀ, ବିଶ୍ୱକର୍ମା, ଶିବ ଆଦି ମୂର୍ତ୍ତିର ଆଦର ଓଡ଼ିଶାର ଗ୍ରାମାଞ୍ଚଳେ ବ୍ୟାପିଲାଣି ।

ଏହି ପର୍ଯ୍ୟାଲୋଚନାରେ ଓଡ଼ିଶାର ସଂସ୍କୃତିର ବିଭିନ୍ନ ଦିଗ ଉପରେ ଦୃଷ୍ଟିପାତ କରାଗଲା ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିରେ ପ୍ରତ୍ୟେକ ଧର୍ମର ପ୍ରତିଧ୍ୱନୀ ଏବେ ବି ଶୁଣିବାକୁ ମିଳେ ।

ଓଡ଼ିଶୀ ସଂସ୍କୃତି, ଭାରତର ବିଭିନ୍ନ ଅଞ୍ଚଳର ସଂସ୍କୃତିର ସଂଗମସ୍ଥଳୀ କହିଲେ ଅତ୍ୟୁକ୍ତି ହେବନାହିଁ । ଭୌଗଳିକ ସ୍ଥିତି ଦୃଷ୍ଟିରୁ ଓଡ଼ିଶା, ଭାରତର ଉତ୍ତର, ଦକ୍ଷିଣ ଏବଂ ପଶ୍ଚିମା ସଂସ୍କୃତି ଦ୍ୱାରା ବହୁଭାବେ ପ୍ରଭାବିତ । ଓଡ଼ିଶାର ଅଧିବାସୀ ସବୁଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ କରିଥାଆନ୍ତି । ସେମାନଙ୍କ ପାଖରେ ଅନ୍ୟଧର୍ମପ୍ରତି ବିଦ୍ୱେଷ ଭାବେ ଦେଖାଯାଏ ନାହିଁ । ପ୍ରେମ ଉଦାରତା, ସହିଷ୍ଣୁତା ଏବଂ ଶାନ୍ତିପ୍ରିୟତା ପାଇଁ ଉତ୍କଳୀୟ ସଂସ୍କୃତି ଏକ ମହତ୍ତ୍ୱପୂର୍ଣ୍ଣସ୍ଥାନ ଅଧିକାର କରିଛି ।

ବି. ଦ୍ର – ଓଡ଼ିଶା ଅନେକ ବରେଣ୍ୟ ଲେଖକଙ୍କ ରଚନାରୁ ଏହି ଆଲେଖ୍ୟଟି ପ୍ରସ୍ତୁତ କରାଯାଇଛି । ଏହା ଲେଖକଙ୍କର ମୌଳିକ କୃତି ନୁହେଁ ।

Ministry of Urban Development

❖ ❖ ❖

# ଅନୁଭୂତି ଛାତ୍ର ଜୀବନର

ଆଶିଷ କୁମାର ଦେ

ଛାତ୍ର ଜୀବନ ହେ ତୁମେ
ମୋ ସଙ୍ଗରେ ଥିଲ,
ସ୍ୱଳ୍ପଦିନ ସାଥୀ ହୋଇ
ପୁଣି ବାହୁଡ଼ିଲ ।
ତୁମ୍ଭ ଆଗମନେ ହେଲା
ମୋ ହୃଦ ଚଞ୍ଚଳ,
ନିଜକୁ ଭାବିଲି କ୍ଷଣେ
ରାଜା ମୁଁ ଉତ୍କଳ ।
ସାଙ୍ଗ ସାଥୀ ମାନେ ଯେତେ
ମୋ ସଙ୍ଗତେ ଥିଲେ,
ସକଳେ ପରସ୍ପରକୁ
ରାଜା ବୋଲାଇଲେ ।
ହସ ମଉଜରେ ମାତି
ବିତାଇଲୁ ଦିନ,
ଛାତ୍ର ଜୀବନର ଶେଷେ
ଆସିଲା ଦୁର୍ଦ୍ଦିନ ।
କର୍ମ କ୍ଷେତ୍ର ମଧ୍ୟେ
ଆଜି ସାଙ୍ଗ ସାଥୀ ଦୂର,
ଭାବିଲେ ଆର୍ଶ୍ଚର୍ଯ୍ୟ ଲାଗେ
ବିଧାନ ବିଧିର ।
ମୁଁ ଯେ ଆଜି ଅଟେ ପ୍ରଜା
ରାଜା ମ୍ୟାନେଜର,
କ-ମ୍ପାନୀରେ କାମ କିଏ
ରଖେ କା ଖବର ।

ଦିନ ନଅ ଠାରୁ ପୁଣି
ରାତ୍ର ନଅ ଯାଏ,
ତା ପୂର୍ବରୁ ଛୁଟି ନେଲେ
କାମ ଭାସିଯାଏ ।
ନିକାଞ୍ଚନେ କେବେ
ପାର୍କ କୋଣେ ବସି ଗଲେ,
ପୂର୍ବ କଥା ମାନ ମନେ
ପଡ଼ି ଯାଏ ଭଲେ ।
ସ୍ମୃତି ସ୍ମରଣରେ ମନ
ହୁଏ ଉତ୍ଫୁଲ୍ଲିତ,
ଛାତ୍ର ଜୀବନ କି ଆଉ
ହୋଇବ ପ୍ରାପତ ।
ତେଣୁ ମୋର ନିବେଦନ
ଶୁଣ ସବୁ ସଖା,
ଛାତ୍ର ଜୀବନକୁ କେବେ
ନକର ଉପେକ୍ଷା ।
ଯେତେ ପାର ସମ୍ଭବତଃ
ପଢ଼ି ସ୍ମୃଲ ପାଠ,
ଜୀବନକୁ ଗଢ଼ି ତୋଳ
କର୍ମରେ କର୍ମଠ ।

ଡି: ୧.୬.୧୧, ଲୋଧି କଲୋନୀ,
ନୂଆଦିଲ୍ଲୀ- ୧୧୦୦୦୩.

●●●

# ପୂର୍ଣ୍ଣ ସତ୍ୟ

ନିର୍ମଳ କିଶୋର ପ୍ରସାଦ

ମିଶ୍ର ବାବୁଙ୍କ ଫୋନ୍‌ଟି ଗତ ରାତି ଦି'ଟା ଦଶ ପାଖା ପାଖି ଆସି ଥାଏ । ଫୋନ୍ ଆଉ ତା'ର ବାଜିବାର ସମୟରୁ ମୋତେ ଆଭାସ ହେଇ ସାରିଥାଏ କୌଣସି ଏକ ଅଘଟଣର । ଫୋନଟା ଉଠାଇ 'ହେଲୋ' ବୋଲି କହିଲି । ସେପଟୁ ମିଶ୍ରବାବୁଙ୍କ ଆୱଜ ଆସିଲା, ''ଅଜୀତ ବାବୁ.... ମୁଁ ମିଶ୍ର କହୁଥିଲି ।''

ହଁ....ହଁ...କୁହନ୍ତୁ...

ଅଜୀତବାବୁ, ବାପା....ବାପାନା....

ମିଶ୍ରବାବୁ..... ବାପା ଗ୍ଳିଲି ଗଲେ ନା...

ହଁ, ବାପା ଆମ ସମସ୍ତଙ୍କୁ ଛାଡ଼ି ଏବେ ଦୁଇଟା ବାଜି ପାଞ୍ଚ ମିନିଟରେ ଗ୍ଳିଲି ଗଲେ । ତାଙ୍କ ଅନ୍ତିମ ଇଛା ଅନୁସାରେ ତାଙ୍କ କାମ ସବୁ ଏଇ ଠାରେ ହେବ । ଆମେ ସମସ୍ତେ ଆପଣଙ୍କ ଆସିବା ଅପେକ୍ଷାରେ ରହିବୁ... ।

ମିଶ୍ରବାବୁ ଭାଇନାଙ୍କ ଅର୍ଗାନାଇଜେସନରେ ଜଣେ ଅଫିସର । ଭାଇନା ଭାରତ ସରକାର ଅଧାନସ୍ଥ ଏକ ମିନିରତ୍ନ ଅର୍ଗାନାଇଜେସନରେ ମହାପ୍ରବକ୍ଷକ ଅର୍ଥାତ ଚିଫ୍...। ସବୁ ପ୍ରକାରର ସୁବିଧା ଥାଏ । ବାପା ଗତ ଆଠମାସ ଧରି ସେଠାରେ ଭାଇନାଙ୍କ ପାଖରେ ନାସିକରେ ଥିଲେ । ତାଙ୍କର ପ୍ରଭାବଶାଳୀ ବ୍ୟକ୍ତିତ୍ୱରୁ ପ୍ରାୟ ସମସ୍ତେ ଅବଗତ । ସେ ନିଜେ ଓଡ଼ିଶାରେ ହିନ୍ଦୀ ସାହିତ୍ୟରେ ପ୍ରଫେସର ଥିଲେ । ରିଟାୟରମେଣ୍ଟର ଅନ୍ତିମ କେତେ ବର୍ଷ ସେ ଡିଗ୍ରୀ କଲେଜର ପ୍ରିନ୍‌ସିପାଲ ମଧ୍ୟ ଥିଲେ । ତାଙ୍କ କଥାରେ ଏକ ଅପନତ୍ୱ ବୋଧ ସ୍ପଷ୍ଟ ଅନୁଭବ ହୁଏ । ସମାଜର ପ୍ରତ୍ୟେକ ବର୍ଗ ସଙ୍ଗେ ତାଙ୍କର ସୀଧା ସମ୍ପର୍କ । ସମସ୍ତଙ୍କୁ ଲାଗେ ଯେପରି ସେ ତାଙ୍କରି କଥା ତାଙ୍କ ଭାଷାରେ କହୁଛନ୍ତି । ଏଇ ୮୦ ବର୍ଷ ବୟସର ବ୍ୟକ୍ତିଙ୍କ ପାଖରେ ଏମିତି କଣ ଯେ ଖଜଣା ଥାଏ, ଜଣା ନାହିଁ .. କିନ୍ତୁ ଯିଏ ବି ଥରେ ତାଙ୍କ ସାଙ୍ଗେ ମିଶିଲା, ସେ ତାଙ୍କରି ହୋଇ ରହିଲା ।

ସାହିତ୍ୟର ପ୍ରଫେସର ଥିବା ଯୋଗୁ ସେ ମାନବ ଜୀବନର ପ୍ରତ୍ୟେକ ଅଭିବ୍ୟକ୍ତିରୁ ଭଲ ଭାବେ ପରିଚିତ ଆଉ ସମାଜରେ ବ୍ୟାପ୍ତ ବିସମତା ପ୍ରତି ମଧ୍ୟ ଅତି ସଂବେଦନଶୀଳ ଥିଲେ । ସେ ସମାଜର ପ୍ରତି ବର୍ଷ ପାଇଁ ମାନବୀୟ ସଂବେଦନାର ଉଚ୍ଛ ଆଦର୍ଶ ପ୍ରସ୍ତୁତ କରିଥିଲେ । ସମ୍ପୂର୍ଣ୍ଣ ଜୀବନ ତାଙ୍କର ସଂଘର୍ଷମୟ ଘଟଣାକ୍ରମର ଏକ ସାରାଂଶ ମାତ୍ର । ଜୀବନ ତାଙ୍କ ସମ୍ମୁଖରେ ଘଡ଼ି ଘଡ଼ି କଠିନ ପରୀକ୍ଷାରୂପି ଝଡ଼ ପ୍ରସ୍ତୁତ କରିଥିଲା ଆଉ ସେ ସବୁ ଝଡ଼କୁ ସହର୍ଷ ସ୍ୱାଗତ କରି ବିଜୟ ପଥରେ ଅଗ୍ରସର ହୋଇଥିଲେ ।

ସାଂସାରୀକ ଦୃଷ୍ଟିକୋଣରୁ ଦେଖିଲେ ତାଙ୍କ ଜୀବନ ଅତ୍ୟନ୍ତ ସଫଳ ବୋଲି କୁହାଯାଇ ପାରେ । ଆଜିର ପତନଶୀଳ ସମାଜରେ ଏକ ଅନୁଶାସିତ ଜୀବନ ଆଉ ମାନବୀୟ ମୂଲ୍ୟରେ ଓତପ୍ରତ ଆଦର୍ଶ ବ୍ୟକ୍ତିତ୍ୱ ଏବଂ କୃତିତ୍ୱ ପ୍ରସ୍ତୁତ କରି ପାରିବା ଏକ ବଡ଼ ଉପଲବ୍ଧୀ । ସେ ତାଙ୍କର ସମ୍ପୂର୍ଣ୍ଣ ଦାୟୀତ୍ୱକୁ ଭଲଭାବେ ନିଭେଇ ସାରିଥିଲେ ପିଲାମାନଙ୍କୁ ଭଲ ସଂସ୍କାର ଦେଇ ପଢ଼ାଇବା, ଗ୍ଳିକିରୀ, ବାହାଘର ଇତ୍ୟାଦି ।

ତାଙ୍କୁ ଯେପରି ଉପରୁ ଏକ ସଂକେତ ମିଳି ସାରିଥିଲା ଏଇ ମହାଯାତ୍ରା ପାଇଁ । ଜୀବନର ସବୁଠୁଁ ବଡ଼ ସତ୍ୟର ସାମନା ହେବାର ଥାଏ । ଏତେ ବଡ଼ କାର୍ଯ୍ୟକୁ କରିବାପାଇଁ ସେ ଯେପରି ସଂକଲ୍ପବଦ୍ଧ ହୋଇ ସାରିଥିଲେ । ସମୟ ବହୁତ କମ କିନ୍ତୁ ତାଙ୍କ ସମ୍ମୁଖରେ କାମ ଅନେକ । ସେ ତାଙ୍କର ସବୁ ମନ ପସନ୍ଦ କାର୍ଯ୍ୟକୁ ସ୍ଥଗିତ କରି ସାରିଥିଲେ । ଖବର କାଗଜ ପଢ଼ିବା, ଡାଇରୀ ଲେଖିବା ଅନ୍ୟମାନଙ୍କ ଅନୁଚିତ କାମରେ ଦଖଲ ଦେବା, ନିଜ ପୁଅ, ପୁତ୍ରବଧୁ, ଝିଅ, ଯୋଇଁ, ନାତି, ନାତୁଣୀ, ପୋତା, ପୋତିଙ୍କ ସଙ୍ଗେ ମୋବାଇଲ ବା ଟେଲେଫୋନ୍‌ରେ ଘଣ୍ଟେ ଘଣ୍ଟେ କଥାବାର୍ତ୍ତା କରିବା.... ଆଜି କାଲି ସବୁ ଛାଡି ସାରିଥିଲେ । ଲାଗୁଥାଏ ଯେପରି

ସେ ନିଜକୁ ସବୁ ସାଂସାରିକ ବ୍ୟବସ୍ଥାରୁ ବନ୍ଧନମୁକ୍ତ କରିସାରିଛନ୍ତି ଆଉ ସାତ ଦିନ ପାଇଁ ଉପରକୁ ଦରଖାସ୍ତ ପଠାଇ ସମୟ ଗୁହାର କରିଛନ୍ତି ।

ରାଜୁ ସେଇ ଅର୍ଗାନାଇଜେସନରେ ଅନ୍ୟ ଏକ ଅଫିସର ବାପାଙ୍କ ଅତ୍ୟନ୍ତ ପ୍ରିୟ ଆଉ ପୁଅଭଳି ବାପାଙ୍କ ବହୁତ ସେବାକରେ । ବାପା ତାକୁ କହି ବସନ୍ତି, ରାଜୁ ଏଇ ପବିତ୍ର ନଗରୀ ନାସିକ ମୋତେ ଭାରି ଭଲ ଲାଗୁଛି, ମୋତେ ଗୋଦାବରୀକୁ ନେଇ ଯିବନା... ରାଜୁର ଆଖି ଅଶ୍ରୁଛଳ ଛଳ ହୋଇଯାଏ । ସେ କେବଳ ଏତିକି କୁହେ, ଦାଦାଜୀ ଆପଣ ଏମିତି କାହିଁକି କହୁଛନ୍ତି । ବାପାଙ୍କ କଥା ଭାବଭଙ୍ଗିରୁ ଏପରୀ ପ୍ରତୀତ ହେଉଥାଏ ତାଙ୍କୁ ଆଉ କୌଣସି କଷ୍ଟ ନାହିଁ, ଦ୍ୱନ୍ଦ ନାହିଁ , ମାୟା ନାହିଁ, ମୋହନାହିଁ... ସେ ଏ ସବୁଠୁ ବହୁତ ଉପରକୁ ଉଠି ସାରିଛନ୍ତି । ଏବେ ତାଙ୍କ ମୁହଁରେ ଗୋଟିଏ ରଟ ହେ ପ୍ରଭୁ ଏବେ ମୋତେ ତମ ଶରଣକୁ ନେଇ ନିଅ ।

ସେ ଦମା (ଶ୍ୱାସ) ରୋଗରୁ ପ୍ରାୟ ତିରିସି ବର୍ଷରୁ ପିଡ଼ିତ ଥାଆନ୍ତି । ଆଟାକ୍ ବେଳେ ଶ୍ୱାସ ନେବା ଅତ୍ୟନ୍ତ କଷ୍ଟକର ହୋଇ ପଡ଼େ । ନେବୁଲାଇଜର ନେବାକୁ ପଡ଼େ ସେ ଦିନ ମଧ୍ୟ ରାତିରେ ସେ ଅଳ୍ପ କଷ୍ଟ ଅନୁଭବ କରି ଥିଲେ । ପତ୍ନୀଙ୍କୁ ଡାକି କହିଲେ ମୋତେ ନେବୁଲାଇଜର ଦେଇ ଦିଅ । ପତ୍ନୀ ଝଟ୍ ନେବୁଲାଇଜରର ମାସ୍କ ତାଙ୍କ ମୁହଁରେ ଲଗାଇଲେ, ବୁଡିକଟ ଆଉ ଡୁଅଲିନ ଔଷଧର ମିଶ୍ରଣ କରି ନେବୁଲାଇଜର ଅନ୍ କଲେ । ପାଞ୍ଚ ମିନିଟ ନେବୁଲାଇଜର ଚାଲିଲା । ମାସ୍କଟାକୁ ବାହାର କରିବା ପାଇଁ ବାପା ନିଜ ଆଙ୍ଗୁଳଟାକୁ ଟେବୁଲ ଉପରେ ଠକ୍...ଠକ୍ କରି ସଂକେତ ଦେଲେ ଆଉ ମାସ୍କକୁ ହଟାଇଲା ପରେ ମଧ୍ୟ ବାପା ସେହିଭଳି ବସି ରହିଲେ...ଆଉ କାହାରିକୁ କିଛି କହିଲେ ନାହିଁ... ନିଶବ୍ଦ ସ୍ଥିର ଚିତ୍ତ, ଶାନ୍ତ ଯେପରି ଏଥର ମଧ୍ୟ ସେ ଇଶ୍ୱରଙ୍କୁ ପଗ୍ଗୁରୁ ଥାନ୍ତି ମୋର ସାତ ଦିନର ଏଇ ଅନ୍ତିମ ପରୀକ୍ଷା ପାଇଁ ତିଆରି ଟା କିପରି ଥିଲା ?

ଆମକୁ ଅତିଶୀଘ୍ର ନାସିକ ପହଞ୍ଚିବାର ଥିଲା । ତେଣୁ ଯାହା ଯେଉଁଠୁ ଯେମିତି ମିଳିଲା ସେମିତି ସେମିତି ଆମେ ଅଗ୍ରସର ହେଲୁ ଅର୍ଥାତ୍ ସମସ୍ତିପୁରରୁ ପାଟନା ବଲେରୋ ଧରି, ପୁଣିପାଟନାରୁ ସମସ୍ତେ ଫ୍ଲାଇଟରେ ଆଉ ମୁମ୍ବ୍ୟେରୁ ନାସିକ କାରରେ ଯାତ୍ରା କରି ଆମେ ସପରିବାର ରୁଚୀ, ଆନନ୍ଦ ଆଉ ଶାନ୍ତି ସମସ୍ତେ ନାସିକ ପହଞ୍ଚିଗଲୁ । ବାପାଙ୍କ ଦର୍ଶନ ହେଲା । ବାପାଙ୍କୁ ଏକ କାଚ କଭର ଥିବା ବାକ୍ସରେ ରଖାଯାଇ ଥିଲା । ବାକ୍ସ ଏକ ରେଫ୍ରିଜରେଟର ଭଳି କାମ କରୁଥାଏ । ବାକ୍ସ ଉପରେ ଲାଇଟର ବ୍ୟବସ୍ଥା ମଧ୍ୟ ଥାଏ । ବାପା ଏକଦମ୍ ଶାନ୍ତ ଲାଗିଲା କହୁଥାନ୍ତି.... ‘‘ଆଉ ତୁମମାନଙ୍କୁ କେବେ କିଛି କହିବି ନାହିଁ.... ତୁମେ ମାନେ ବଡ଼ ହୋଇସାରିଲଣି ମୋ ଆଶୀର୍ବାଦ ସଦାପାଇଁ ତମ ମାନଙ୍କ ଉପରେ ରହିବ....’’

ଚାରିଆଡେ ଅଶ୍ରୁପୂର୍ଣ୍ଣ ବାତାବରଣ । ଲୋକଙ୍କ ଗହଳି ଅନେକ । ମୋତେ ଅନୁଭବ ହେଲା ବାପାଙ୍କ ବ୍ୟକ୍ତିତ୍ୱର ପ୍ରଭାବ ଏଇ ଆଠ ମାସରେ ବାପା ଏତେ ଲୋକଙ୍କ ମନ ଆଉ ହୃଦୟରେ ଏକ ଯାଗା କରି ପାରିଥିଲେ ଯାହାର ପ୍ରତିଫଳ ଏଇ ଜନ ଗହଳି ଏବଂ ତାଙ୍କ ପାଇଁ ଏଇ ଶ୍ରଦ୍ଧାସୁମନ......।

ମୋ ତିନି ବର୍ଷର ଝିଅ ରାନୀ (ଶାନ୍ତି ) ଆଉ ଦାଦାଜୀଙ୍କ ସୁନାପୋତି ଶାନ୍ତିକୁ ଜଣାଥାଏ ଯେ ଆମେ ସମସ୍ତେ ଦାଦାଜୀଙ୍କୁ ଭେଟ କରିବାକୁ ଆସିଛୁ । ରାସ୍ତାଯାକ ବ୍ୟାକୁଳ ଦାଦାଜୀଙ୍କୁ ଦେଖିବା ପାଇଁ ତାଙ୍କ ସାଙ୍ଗେ ଖେଳିବା ପାଇଁ.... ତାଙ୍କୁ ଗୀତ ଶୁଣାଇବା ପାଇଁ, ତାଙ୍କ ଠୁ କାହାଣୀ ଶୁଣିବା ପାଇଁ..... ଛୋଟ ବୟସରେ ବି ସେ ସବୁ ବୁଝେ । ତେଣୁ ଆମେ ଦାଦାଙ୍କ ବିଷୟରେ ବାସ୍ତବ ଘଟଣା କହି ନ ଥାଉ । ଦାଦା ଆଉ ପୋତିଙ୍କ ଭିତରେ ଥାଏ ଏକ ଅଲଗା ବନ୍ଧନ... ଶାନ୍ତି ଦାଦାଜୀଙ୍କ ପାଖକୁ ଯାଇ କୁହେ, ‘‘ଦାଦାଜୀ, ମୋତେ ଗୋଦି ନିଅ....’’ ଦାଦାଜୀଙ୍କୁ ଏ ବୟସରେ ମଧ୍ୟ ପୋତି ରାନୀକୁ, କୋଳକୁ ନେଇ ତା ଇଚ୍ଛାଟାକୁ ପୂର୍ଣ୍ଣ କରିବାକୁ ହୁଏ । ପରେ ରାନୀ ଦାଦାଙ୍କ ଗୋଡ଼ହାତ ଦବାଇ ଢ଼େର ସେବାକରେ । ବେଳେ ବେଳେ ଦାଦାଙ୍କ ଡାଇରୀ, ରେଜିଷ୍ଟର ଗୁଡାକ ଆଣି ଦାଦାଜୀଙ୍କୁ ପଗ୍ଗରେ ସେଇ ଗୁଡାକ କଣ ବୋଲି । ଆଉ କେତେବେଳେ ଦାଦାଙ୍କ ରେଜିଷ୍ଟରରେ କଲମ ଉଠାଇ କଣ

ସବୁ ଗାରେଇ ଦିଏ । ଦାଦାଜୀ କହନ୍ତି, ‘‘ମୋ ସୁନା ପୋତି.... ମୁଁ କାଗଜ ଦେଉଛି, ହ ଏଁଇଠି ଲେଖ....’’ ।

‘‘ଦାଦାଜୀ, ନେବୁଲାଇଜର ନେବେ କି ?’’ ପୋତି ରାନୀ ପଗ୍ଋରି ବସେ ଦାଦାଜୀଙ୍କ ଶ୍ବାସରେ ହାଲ୍‌କା ଘଡ଼ ଘଡ଼ ଆୱାଜ ଶୁଣି, ନେବୁଲାଇଜର ଅନ୍ କରି ଦାଦାଜୀଙ୍କ ମୁହଁରେ ଲଗାମାସ୍କଟାକୁ ଦେଖିଥାଏ । ଏଇଭଳି ଦାଦା ପୋତିଙ୍କ ଥାଏ ଏକ ଅବ୍ୟକ୍ତ ବନ୍ଧନ ଆଉ ଅନେଖା ସମ୍ବନ୍ଧି...... ।

ହଠାତ୍ ଶାନ୍ତି ଅଳି କରି ବସିଲା ଦାଦାଙ୍କ ପାଖକୁ ନେଇ ଯିବା ପାଇଁ । ଆମେ ସମସ୍ତେ ଗୃହୁଁଥିଲୁ ଟିକେ ରହି ଆରାମରେ ତାକୁ ଧୀରେ ଧୀରେ ସବୁ ଜଣାଇବା ପାଇଁ । କିନ୍ତୁ ଆମ ପ୍ରୟାସଟା ବିଫଳ ହେଲା ଆଉ ତାକୁ ଦାଦାଜୀଙ୍କ ବାକ୍ସ ପାଖରେ ନେଇ ଆଣିଲୁ ।

ଶାନ୍ତି ପଗ୍ଋରିଲା, ‘‘ଦାଦାଜୀ କାହାନ୍ତି’’ ?

ମୁଁ କହିଲି, ‘‘ସେଇ ବାକ୍ସରେ ଅଛନ୍ତି’’ ।

ଶାନ୍ତି କହିଲା, ‘‘ବାକ୍ସରେ ... ଆଛା...’’

ପାଖରେ ଏକ କୁର୍ସି ରଖା ହୋଇଥାଏ । ଶାନ୍ତି ସେ କୁର୍ଶୀଟା ଭିଡି ଆଣି ତା ଉପରେ ଠିଆ ହୋଇ ପଡ଼ି ଦାଦାଙ୍କୁ ଦେଖିଲା । ତା ଚେହେରାରେ କୌଣସି ଭାବ ପ୍ରକଟ ହେଉ ନ ଥାଏ । ସେ ଏକ ଦମ ଶାନ୍ତ ଥାଏ । ସେ କିଛି ବୁଝି ପାରୁଥାଏ କି ନାହିଁ ଜଣା ନାହିଁ ସେ ଥରେ ଦୁଇ ଥର ବୁଲି ପଡ଼ି ତା ଗ୍ଋରିପଟେ ଦେଖିଲା ଗହଳିକୁ ପୁଣି ଦାଦାଙ୍କୁ ଦେଖି କହିଲା ଦାଦାଜୀ ପ୍ରଣାମ...। ଉପର କାଚଟାରେ ମୁହଁ ସଟେଇ ଦାଦାଜୀଙ୍କୁ ଅତି ନିକଟରୁ ଦେଖିବାକୁ ଚେଷ୍ଟାକଲା । ଦାଦାଜୀଙ୍କ ମୁହଁ ଉପରେ ବଲବ୍‌ର ଆଲୁଅ ପଡୁଥାଏ । ଅଳ୍ପ ସମୟ ପରେ ଧୀରେ କୁର୍ସୀରୁ ଓହ୍ଲାଇ ମାଙ୍କ କୋଳକୁ ଚଢ଼ି ଗଲା । ସେ କାନ୍ଦିଲା ନାହିଁ....ଶବ୍ଦଟିଏ ବି କହିଲ ନାହିଁ....ନା ତ ଦାଦାଙ୍କ ବିଷୟରେ କିଛି କହିଲା ।

– ୩ –

ସକାଳୁ ସକାଳୁ ବାପାଙ୍କ ଅର୍ଥୀକୁ ନେଇ ଆମେ ଗୋଦାବରୀକୂଳ ଘାଟକୁ ଆସିଲୁ । ପଛେ ପଛେ ଅନେକ ଲୋକ ‘ରାମନାମ ସତ୍ୟ...’’ର ଧ୍ୱନିକରି ଆଗକୁ ବଢୁଥାନ୍ତି । ଏଠାରେ ଦାହ ସଂସ୍କାର କର୍ମ କରିବାର ସୁନ୍ଦର ବ୍ୟବସ୍ଥା ଥାଏ ।

ପଣ୍ଡିତ ଦାହସଂସ୍କାରର ସବୁ ହିନ୍ଦୁ ବିଧି ଗୋଟାଏ ପରେ ଆଉ ଗୋଟାଏ ସ-ନ୍ନ କରୁଥାନ୍ତି । ଭାଇନା ପୂଜାରେ ବସି ପଣ୍ଡିତଙ୍କ କହିବା ଅନୁସାରେ ଅନ୍ତିମ କର୍ତ୍ତବ୍ୟ ସବୁ ସ-ନ୍ନ କରୁଥାନ୍ତି । ଆଖି ଅଶ୍ରୁପୂର୍ଣ୍ଣ ବିଧିର ଏ କିପରି ବିଧାନ ! ମୁଁ ଭାବୁଥାଏ....ପିତାଙ୍କ ଚିତାରେ ପୁତ୍ର ଦ୍ୱାରା ଅଗ୍ନି ସଂଗ୍ଋର...କେତେ ନିର୍ଦ୍ଦୟତା...ଦେଲେ ଏଇଟା ସତ୍ୟ....ଏଇଟା ମୁକ୍ତି ଆତ୍ମର...।

ଧୁତ୍ ଧୁତ୍ ହୋଇ ଚିତା ଜଳୁଥାଏ । ଅତ୍ୟନ୍ତ ମାର୍ମିକ ଦୃଶ୍ୟ ଚିତାର ଉଠୁଥିବା ଅଗ୍ନି ଆଉ ଧୂଆଁରେ ସେପଟେ ଉପସ୍ଥିତ ସମସ୍ତ ଲୋକ ଅସ୍ଥିର ଆଉ ଭାସ୍ୟମାନ ହେଲା ଭଳି ଦିଶୁଥାନ୍ତି ସେହି ପରି କିଛି ଦୃଶ୍ୟ ସେପଟେ ଉପସ୍ଥିତ ଲୋକଙ୍କ ପାଇଁ ଆମ୍ଭେମାନେ ଥିଲୁ ।

ଜଳୁଥିବା ଚିତା ସାମନାରେ ସବୁ ଜନସମୂହ ବସି ଏକ ମିନିଟ ମୌନ ହୋଇ ଆତ୍ମାର ସତ୍‌ଗତି ପାଇଁ ପ୍ରାର୍ଥନା କଲେ । ସମାଜର ସବୁ ବର୍ଗରୁ ଲୋକଙ୍କ ଉପସ୍ଥିତ ଥିଲା । ମୌନ ପରେ ଆମ ପରିବାର ପ୍ରତି ସାନ୍ତ୍ୱନା ସ୍ୱରୁପ ଅନେକ ବ୍ୟକ୍ତି ପଦେ ଦି ପଦ ବାପାଙ୍କ ସମ୍ମାନରେ ନିଜ ଅନୁଭବ ସମସ୍ତଙ୍କ ସଙ୍ଗେ ବାଂଟିବାକୁ ଆରମ୍ଭ କଲେ । ଜଣେ କହିଲେ ‘‘ସଂସାରରେ ରହିମଧ୍ୟ ବାବୁଜୀ ଥିଲେ ଜଣେ ସାଧକ...ତପସ୍ୱୀ...ସେ ତାଙ୍କ କର୍ମ ନିଃସ୍ୱାର୍ଥ ଭାବେ ଜନ କଲ୍ୟାଣ ପାଇଁ କରି ଗ୍ଋଲି ଥିଲେ....’’ ।

ଆଉ ଜଣେ ଦୁଃଖୀ ହୋଇ କହିଲେ, ‘‘ଆମର ବାବୁଜୀଙ୍କୁ ସାଙ୍ଗେ ଖୁବ ଅଳ୍ପଦିନର ଦେଖା ସାକ୍ଷ୍ୟାତ । କିନ୍ତୁ ମୋର ମନେ ଅଛି...ପ୍ରଥମ ଦିନ ହିଁ ପାଞ୍ଚ-ଦଶ ମିନିଟ୍ କଥା ବାର୍ତ୍ତା ପରେ ଆମକୁ ଲାଗିଲା ଯେମିତି ତାଙ୍କୁ ଆମେ ଆଗରୁ ବି ମିଶିଛୁ କିନ୍ତୁ ସଶରୀର ସାମନାରେ ଏବେ ଦେଖୁଛୁ...।

ଏହିପରି ଜଣେ କହିବା ପରେ ଆଉ ଜଣେ....

ଶେଷରେ ପାଣ୍ଡେଜୀ ଯାଭାଙ୍କ ଜ୍ଞାନ ଧର୍ମ କର୍ମରେ ସାଧାରଣଙ୍କ ଠାରୁ ଅଧିକ ଥାଏ, କହିଲେ 'ବାବୁଜୀ ନିଜ ଶରୀର ସ୍ୱଇଚ୍ଛାରେ ତ୍ୟାଗୀ ଦେଲେ, ଏପରି ବସି ବସି ସହଜ ଦେହ ତ୍ୟାଗ କରିବା ପାଇଁ ମନୁଷ୍ୟ କେତେ କେତେ ବର୍ଷ ଧରି କଠିନ ତପସ୍ୟାରେ ଲୀନ ଥାଏ । ବାବୁଜୀଙ୍କ ସ-ପୂର୍ଣ୍ଣ ଜୀବନ ଆମ ସମସ୍ତଙ୍କ ପାଇଁ ପ୍ରେରଣା ଦାୟୀ ଆଉ ଅନୁକରଣୀୟ.....''

ଦୁର ତିନି ଘଣ୍ଟା ବିତି ଯାଉ ଥାଏ । ଚିତାରୁ ନିଆଁ ଏବେ ବି ଜଳୁଥାଏ । ଆମକୁ କୁହାଗଲା କାଲି ନଅ ଦଶଟା ଭିତରେ ଆସି ଅସ୍ଥି ନେଇ ଯିବାକୁ...ଦ୍ୱିତୀୟ ଦିନ ଆମେ ଘାଟକୁ ହଞ୍ଚଗଲୁ । ଯେଉଁଠି ଗତକାଲି ନଅଟାରେ ବାପା ଆଜି ସେଠାରେ କେବଳ ଥଣ୍ଡା ପାଉଁସର ଢ଼େର...ହାତକୁ ପାଉଁଶ ଭିତରେ ପୁରାଇ ଅସ୍ଥିକୁ ବାଛୁ ବାଛୁ ମୋ ଦୃଷ୍ଟି ପଡ଼ିଲା ଏକ କଳା ରଙ୍ଗର ହାଡୁଆ ଜିନିଷ ଉପରେ । ଉଠାଇ...ଦେଖିଲି...ଏଇଟା ତ ଲୁହାଟିଏ...। ଭାଇନା କହିଲେ, 'ଏଇଟା ବାପାଙ୍କ ପେଲଭିକ୍‌ରେ ଡାକ୍ତରଙ୍କ ଦ୍ୱାରା ଫିକ୍ସ କରାଯାଇଥିବା ଆଇରନ ରଡ଼ଟା...।''

ମୁଁ କହିଲି, ''ଏଇ ବର୍ଷେ ତଳେ ଯେଉଁ ଘଟଣାଟା ଘଟିଥିଲା... ବାପା ବାଥରୁମରେ ସ୍ଲିପ କରିଯାଇ ଥିଲେ ଆଉ ଗୋଡ଼ ହାଡ଼ ଫ୍ରାକଚର୍‌ ହୋଇ ଯାଇ ଥିଲା...'' ଭାଇନା କହିଲେ, ''ହିଁ ସେଇ...'' ମୁଁ ଭାବୁଥାଏ ମଣିଷକୁ ଅନ୍ତିମ ସମୟରେ ସଂସାରରୁ କିଛି ନେଇ ଯିବାକୁ ହୁଏ ନାହିଁ । ଖାଲି ହାତ ଆସିଛି ଯିବ ବି ସେମିତି । ଅର୍ଥତ ଆତ୍ମାର ମୁକ୍ତି ଆଉ ପଞ୍ଚଭୂତରେ ନିର୍ମିତ ଏଇ ଶରୀରର ମିଳନ ପଞ୍ଚଭୁତ ତତ୍ୱରେ ବାପାଙ୍କ ସବୁକିଛି ପଞ୍ଚଭୁତରେ ମିଶିଗଲା କେବଳ ରହିଗଲା ଡାକ୍ତରଙ୍କ ଦ୍ୱାରା ଅପରେସନ୍‌ରେ ବସାଯାଇଥିବା ଲୁହ ଖଣ୍ଡଟା ସେହିପରି ନିଜସ୍ୱ ରୁପରେ...। ଅସ୍ଥି ଲାଲ କପଡ଼ାରେ ଘୋଡା କଳସରେ ରଖିସାରି ଆମେ ବାହାରିଗଲୁ ।

- ୪ -

ଆମେ କାମ ସାରି ସମସ୍ତିପୁର ଫେରି ଆସି ଥାଉ । ଏଣେ ଶାନ୍ତି ଦାଦାଜୀଙ୍କୁ ଦେଖିବାକୁ ଆଉ ଜିଦ୍‌ କରେ ନାହିଁ । ଦାଦାଙ୍କ ବିଷୟରେ କୌଣସି କଥା ବାର୍ତ୍ତା ବି କରେନାହିଁ । କେତେବେଳେ ଆମ ମାନଙ୍କ ମଧ୍ୟରେ ଦାଦାଙ୍କ କଥା ପଡ଼େ ତେବେ ଶାନ୍ତି ଆସି ଦାଦୀଙ୍କୁ କୁହେଁ, ''ଦାଦୀ, ଦାଦାଜୀତ ଏବେ ସବୁଆଡ଼େ ଅଛନ୍ତି । ଏଠି ସମସ୍ତିପୁରରେ ...'' ଦାଦାଙ୍କ ହାତଧରି ଦାଦାଜୀଙ୍କ ଫୋଟ ପାଖରେ ଘେଣି ଆଣେ ।

ଦାତୀଙ୍କ ଆଖି ଛଳ ଛଳ ହୋଇଯାଏ । ସେ କଣ ଅବା ବୁଝାଇବେ ନିଜ ପୋତିକୁ... ପୋତି ନିଜେ ଦାଦୀଙ୍କୁ ଭରସା ଦେଉଥାଏ ଦାଦାଙ୍କ ବିଷୟରେ

ପୁଣି ପୋତି ରାନୀ କୁହେଁ, ''ଦାଦୀ, ଏଇଭଳି ଦାଦାଙ୍କ ଏକ ଫୋଟ ପାଟଣାରେ ଘରେ ଅଛି... ଆଉ ମୁଁ ନାସିକରେ ବି ଦେଖିଛି । ହେଲେନା ଦାଦାଜୀ ସବୁଆଡେ ..... ''

ଘରେ ସକାଳେ ଦାଦୀ ପୂଜା କରନ୍ତି । ପୂଜା ଥାଳିରୁ ଗୋଟିଏ ସୁନ୍ଦର ଫୁଲଟିଏ ଉଠାଇ ଶାନ୍ତି ଦାଦାଜୀଙ୍କ ଫୋଟୋ ସାମନାରେ ରଖି ଦିଏ । କୌଣସି କଥା ଆମ ସମସ୍ତଙ୍କ ମଧ୍ୟରୁ ହେଉଥିଲେ ସେ ଦାଦାଜୀଙ୍କୁ ମଧ୍ୟ ଶାମିଲ୍‌ କରେ । ତାର କ୍ଲାସର ୟୁନିଟ୍‌ ଟେଷ୍ଟର ରେଜଲଟ୍‌ ହେଉ ବା ଅନ୍ୟ କୌଣସି କଥା ସେ ଦାଦାଜୀଙ୍କୁ ନିଶ୍ଚୟ କୁହେ । ଅନେକ ସମୟରେ ମୁଁ ଦେଖିଛି ତାକୁ ଦାଦାଜୀଙ୍କ ଫୋଟୋ ସାମାନାରେ ଠିଆ ହୋଇ ଦାଦାଜୀଙ୍କ ସଙ୍ଗେ କଥାବାର୍ତ୍ତା କରୁଥିବାରୁ

ସଂଧ୍ୟାରେ ଆକାଶକୁ ଦେଖି ସବୁଠାରୁ ବଡ଼ ଉଜ୍ୱଳ ତାରାକୁ ହାତ ଆଙ୍ଗୁଳି ଦେଖାଇ କହେ ''ପାପା, ସେଇଠି ଅଛନ୍ତି ଦାଦାଜୀ....ସବୁଠୁଁ ବଡ ସବୁଠୁଁ ଉଜ୍ୱଳ ତାରା ମୋ ଦାଦାଜୀ...''. ଘରେ କେହି ଅତିଥି ଆସନ୍ତି....କଥା ବାର୍ତ୍ତା କ୍ରମରେ ଯେତେବେଳେ ଦାଦାଜୀଙ୍କ କଥାଟି ପଡ଼େ, ଶାନ୍ତି ସମସ୍ତଙ୍କୁ ଦାଦାଙ୍କ ପରିଚୟ କରାଏ ସେହି କଥାଟି କହି, ''ଆକାଶରେ ସବୁଠୁଁ ଉଜ୍ୱଳ ତାରା ମୋ ଦାଦାଜୀ..''। ଆଉ ଦାଦାଜୀଙ୍କୁ ଆମେ କେଉଁଠୁ ବି ଦେଖି ପାରିବା ସମସ୍ତିପୁରରୁ, ପାଟଣାରୁ କିମ୍ବା ନାସିକରୁ...। ବୋଲ ବମ୍‌ ବେଳେ ସଂଧ୍ୟାରେ ଆମେ କାରରେ ସମସ୍ତିପୁରରୁ ପାଟଣା ଯାଉ ଥିଲୁ । ଆକାଶରେ ଦାଦାଜୀଙ୍କୁ ମୁଁ ଖୁଜିଁଥାଏ...ସେ ମଧ୍ୟ ଆମ

ସାଙ୍ଗରେ ସମସ୍ତିପୁରରୁ ପାଟଣା ଆସୁଥିଲେ.. ଆସି ଥିଲେ ନା ପାପା....''

ମୁଁ କହିଲି, ହଁ...''

ଆଉ କେଉଁ ଦିନ ଯଦି ଆକାଶ ମେଘାଛନ୍ନ ଥାଏ । ଆକାଶରେ ଗୋଟିଏ ବି ତାରା ନ ଥାଏ । ସେ ଦିନ ଶାନ୍ତି ଯଦି ବାହାରକୁ ଆସି ଦାଦାଜୀଙ୍କୁ ଖୋଜିବ ଆଉ ଦାଦାଜୀଙ୍କ ଦର୍ଶନ ହେବ ନାହିଁ ତେବେ କେତେ କଷ୍ଟ ହେବ ତାକୁ...ଏହିପରି କିଛି ଚିନ୍ତା ମୋ ମନରେ ନ ଚାହିଁ ମଧ୍ୟ ଆସି ଯାଉଥାଏ । ଏପରି ପରିସ୍ଥିତିରେ ଶାନ୍ତି କିପରି ପ୍ରତିକ୍ରିୟା କରିବ ଜଣାନଥାଏ...।

ଆଜି ବହୁଦିନପରେ ଆକାଶକୁ ଅନ୍ଧାରିଆ ବାଦଲ ଘେରି ରଖିଛି ।ସକାଳୁ ରହି ରହି ବର୍ଷା ହେଇ ଚାଲିଛି । ଷ୍ଟ୍ରିଟଲାଇଟ୍‌ର ଆଲୋକରେ ବର୍ଷା ପାଣି ବୁନ୍ଦାରୁ ଏକ ତୀକ୍ଷ୍ଣ ଆଲୁଅ କ୍ଷଣିକ ପାଇଁ ବାହାରି ପୁଣି ବୁଝି ଯାଉ ଥାଏ । ଭୁଇଁରେ ଯାଗା ଯାଗାରେ ଜମା ପାଣିରେ ବେଙ୍ଗମାନଙ୍କ ଟର୍...ଟର୍...ପୂଖର ଶବ୍ଦ କର୍ଣ୍ଣ ଆଉ ମସ୍ତିଷ୍କରେ ଅଜୀବ ଝଙ୍କାର ସୃଷ୍ଟି କରୁଥାଏ । ଥିଲା ଥିଲା କୁଆଡୁ ଶାନ୍ତି ଦୌଡ଼ି ଆସି ମୋ କୋଳରେ ଚଢ଼ି ଗଲା । ଚାରିଆଡ଼େ ଦେଖିଲା, ପୁଣି ଉପର ଆକାଶକୁ ଦେଖିଲା । ମୁଁ ଅନୁମାନ କରିପାରୁ ଥାଏ । ଶାନ୍ତି ଖୋଜୁଛି ଦାଦାଜୀଙ୍କୁ ହେଲେ ଏବେ କଣ ଦାଦାଜୀ ଦେଖା ଦେବେ ଶାନ୍ତିକୁ ?

ଶାନ୍ତି କହିଲା ''ପାପା...ଏଇ ଦେଖ...କେବଳ ଦାଦାଜୀ ପୁରା ଆକାଶରେ ଅଛନ୍ତି ଆଉ ଗୋଟିଏ ବି ତାରା ଆକାଶରେ ନାହିଁ'' ।

ଦେଖାଉଥିବା ଯାଗାକୁ ବୁଲି ପଡ଼ି ଦେଖିଲି । ଶାନ୍ତି ଯେଉଁଟାକୁ ଆଙ୍ଗୁଳି ବଢ଼ାଇ ଦେଖାଉ ଥାଏ ସେଇଟା ନାଲି ରଙ୍ଗର ମାଇକ୍ରୋୱେଭ ଟାୱାରର ଆଲୁଅ । ମୋର ବିଶ୍ୱାସ ଆଉ ଭରସା ଆହୁରି ଦୃଢ଼ ହୋଇ ଆସୁଥାଏ । ସଂସାରର କୌଣସି ପୋଡି ପାଇଁ ଦାଦାଜୀ ସର୍ବଦା କୌଣସି ନା କୌଣସି ରୂପରେ ଏ ସଂସାରରେ ବିଦ୍ୟାମାନ...କେବଳ ଦରକାର ସେଇ ଆଖି... ଯେଉଁଥିରେ ବଡ଼ଙ୍କ ପ୍ରତି ଥାଏ ଶ୍ରଦ୍ଧା, ସ୍ନେହ ଆଉ ସମ୍ମାନ....

-୪-

ଏଇ ସବୁ ଘଟଣାକୁ ବହୁଦିନ ବିତି ସାରିଛି । ରାତି ଦୁଇଟା ପାଖାପାଖି । ସମସ୍ତେ ଶୋଇ ଥାଉ । ହଠାତ ଶାନ୍ତିର କାନ୍ଦିବାର ସ୍ୱର ମୋତେ ଶୁଣାଗଲା । ଏପରି ନହେଁ କି ଆଗରୁ ସେ କେବେ କାନ୍ଦେ, ମୁଁ କୋଳକୁ ଉଠାଇ ପଚାରେ ତା ପାଖରେ କୌଣସି ଏକ ଜରୁରୀ କାରଣ ଥାଏ ଯେମିତି ପାଣୀ ପିଇବ, ଦୁଧ ବୋତଲ ଦରକାର କିମ୍ବା ସୁ, ସୁ କରିବ । ଅଥବା କୌଣସି ସ୍ୱପ୍ନ ଦେଖି ଡରି ଯାଇଛି...। ମୁଁ ଶାନ୍ତିକୁ କୋଳକୁ ଉଠାଇ ନେଇ ପଚାରିଲି, ରାନୀ କଣ ହେଲା...ଦୁଧ ବୋତଲ ଦରକାର...

''ନା...''

''ପାଣୀ ପିଇବ...''

''ନା.....''

''ସୁ.....ସୁ.......''

''ଆରେ ନାହିଁ......''

''ରାନୀ ତେବେ କୌଣସି ସ୍ୱପ୍ନ ଦେଖିଛି ଡରି ଯାଇଛି ହଁ, ନା ।

''ଆରେ..... ରେ....... ନାହିଁ........ନାହିଁ...''

''ତେବେ......? କଣ ହେଲା.....।''

''ଦାଦାଜୀ....ଦାଦାଜୀଙ୍କ ସାଙ୍ଗରେ କଥା ବାର୍ତ୍ତା କରିବାକୁ ମନ କରୁଛି । ଦାଦାଜୀଙ୍କ ଗୀତ ଶୁଣାଇବାକୁ ମନ କରୁଛି... ଦାଦାଜୀଙ୍କଠୁ କାହାଣୀ ଶୁଣିବାକୁ ମନ କରୁଛି ଦାଦାଜୀ କାହିଁକି ଆସୁନାହାନ୍ତି ....'' ।

ମୁ ରାନୀକୁ ଆହୁରୀ ଯୋରରେ ଛାତିରେ ଲଗାଇ ନେଲି... ଏ ପ୍ରଶ୍ନର ଉତ୍ତର ରାନୀକୁ ବୁଝାଇଲା ଭଳିଆ ମୋ ପାଖରେ ନ ଥିଲା...ହଠାତ୍ ମୋ ଆଖିରେ ନ ଜାଣେ କୁଆଡୁ ଅଶ୍ରୁ ଭରି ଆସିଲା...ଆଉ ମୁଁ ଅପଲକ ଅନେଇ ରହିଥାଏ ଦିଗନ୍ତରେ ପ୍ରଜ୍ୱଳିତ ସବୁଠୁଁ ବଡ଼ ଉଜ୍ଜ୍ୱଳ ତାରାକୁ.... ।

ଇ-୧୦୨, ପ୍ରଗତି ବିହାର ହଷ୍ଟେଲ. ନୂଆଦିଲ୍ଲୀ-୩

# ଅପୂର୍ଣ୍ଣରେ ପୂର୍ଣ୍ଣ

ଗୋଲକ ଚନ୍ଦ୍ର ଦେବତା

ଦରଗଢ଼ା ହାତ ଦୁଇ
ନାହିଁ ପାଦ
ଅପଲକ ଗୃହାଣି ତା
ଚ଼କା ଚ଼କା
ଦୁଇଟି ନୟନ ॥

ତଥାପି ସେ ମହାବାହୁ
ବାର ମାସେ ତେର ଯାତ
ତାର ହୁଏ
କେତେ ରଙ୍ଗେ ସଜ ॥

ସବୁ ଅପୂର୍ଣ୍ଣରେ ପୂର୍ଣ୍ଣ
ପ୍ରମାଣ ସେ
ଦେଇଅଛି କରି ॥

କାଞ୍ଚି ଯୁଦ୍ଧେ ଗଜପତି
ମାନ ରକ୍ଷା ପାଇଁ
ଅସଗ ଧରି ॥

ଦାମ୍ଭିକ ଭକତ ପାଇଁ
ଲୋଡ଼ା ତାର
ଗଜ ମୋତି ପାନ ।
ଶ୍ରବଣେ ନସ୍ଥରେ ବାକ୍ୟ
ପଦଟିଏ
ଭାଙ୍ଗେ ଭକ୍ତମାନ ॥

କି ଅଛି ତା ପାଶେ ଏକା
ଗୁଣ ଗ୍ରାହୀ
ଭକ୍ତ ସିନା ଜାଣେ ।
ନନ୍ଦିଘୋଷ ରଥେ ବସି
ଭକ୍ତ ମନ
ଶ୍ରୀ କ୍ଷେତ୍ରକୁ ଟାଣେ ॥

ଶ୍ରୀ କ୍ଷେତ୍ରର ନାଥ ହୋଇ
ଅଟେ ସିନା ସିଏ ।
ନ ହେଲେ କି ଦେଖିବାକୁ
ଯାତ୍ରା ତାର
ଜଗତ ଟା ଧାଏଁ ॥

ବ୍ରହ୍ମମୟ ପୁରୁଷ ସେ
ଦାରୁ ଦିଅଁ
କି ମହିମା ତାର
ଦର ଗଢ଼ା ବେଶ ହୋଇ
ନିଜକୁ ସେ
ତଥାପି ସୁନ୍ଦର ॥

୪.ଡି- ୯୭୬,
ସେକ୍ଟର-୧୦,
କଟକ

# ସଂସାର

ସୁନାଶୀର ଭୋଇ

ଦୀନଜନ ବାନ୍ଧବ ହେ ପ୍ରଭୁ ଦୀନବନ୍ଧୁ,
ଦୀନଜନେ କୃପାକରେ ଆହେ କୃପାସିନ୍ଧୁ ।

ଦୁଃଖମୟ ଲାଗେ ପ୍ରଭୁ ଏ ମାୟା ସଂସାର,
ଭରିଛି କୁଟ କପଟ ଶୁଭେ ହାହାକାର ।

ଦୁଃଖ ଜର୍ଜରିତ ଦୁଃଖୀ ପାଏ ନାହିଁ ସାହା,
ଧିକ୍କାର କରି ଜୀବନ ଖୋଜୁଥାଏ ରାହା ।

ଜରା, ବ୍ୟାଧି ନିରାଶା ନିନ୍ଦା ଅପମାନ,
ଘେରି ଅଛି ଜୀବନକୁ ଶୋକାତୁର ମନ ।

ଜ୍ଞାତି କୁଟୁମ୍ବ ଆମର ସଖା ସହୋଦର,
ପାଖରେ ଥାଇ ବି ଦୁଃଖ ହୁଏ ନାହିଁ ଦୁର ।

ଉବୁଟୁବୁ ହୁଏ ବୁଡ଼ି ଅଶାନ୍ତ ସାଗରେ,
''ଅମୂଲ୍ୟ'' ଶାନ୍ତି ଟିକେକ ଯାଇଅଛି ଦୂରେ ।

ପ୍ରଭୁ ହେ ଜାଣିପାରେନା ବ୍ୟାକୁଳିତ ମନ,
ଅଜ୍ଞ ଅମା ଅନ୍ଧାରରେ ହଜିଯାଏ ଜ୍ଞାନ ।

ପରଜନ୍ମ ଇହଜନ୍ମ କଲା କର୍ମମାନ,
ଭୋଗିବାକୁ ପଡୁଛି କି ? ଏ ମୂଳକାରଣ ?

ପ୍ରାୟଶ୍ଚିତ୍ତ କରିବାକୁ ହେବା ଅଗ୍ରସର,
ସତ୍ୟ ପ୍ରେମ କରୁଣା ହିଁ ପାଥେୟ ଆମର ।

(ଜୀବେ) ଦୟା, କ୍ଷମା ଉପକାର ବାଣୀ ସୁମଧୁର,
ଜୀବନ ପଥେ ଚାଲିବା କରି ସହଚର ।

ହେବ ସ୍ୱର୍ଗ ଏ ସଂସାର ଚାଲିଯିବ ଦୁଃଖ,
ନିତ୍ୟ ସାହା ହେବ ପ୍ରଭୁ ରହିବେ ସମୀପ ।

ଛାଡ଼ିଦେବା କାମ, କ୍ରୋଧ, ହିଂସା, ଅହଂକାର,
ବଢ଼ାଇ ଚାଲିବା ପାଦ ସୁମରି ଈଶ୍ୱର ।

ସି-୮୯, ଆଶ୍ରୀବାଦ ଆପଟ୍,
ସେକ୍ଟର୍-୧୨, ଦ୍ୱାରକା, ନୂଆଦିଲ୍ଲୀ-୭୮,
ଫୋନ୍-୯୯୫୩୪୮୫୬୭୪

# ପ୍ରଶ୍ନ

ଡ : ତପନ କୁମାର ପ୍ରଧାନ

କିଛି ପ୍ରଶ୍ନର ଉତ୍ତର ଆପେ ଆପେ ମିଳିଯାଏ
କିଛି ପ୍ରଶ୍ନର ଉତ୍ତର ଖୋଜି ଖୋଜି ମିଳେ ନାହିଁ
କିଛି ପ୍ରଶ୍ନର ଉତ୍ତର ପାଇଁ ବର୍ଷ ବର୍ଷ ବିତି ଯାଏ :-
**.........କିଛି ପ୍ରଶ୍ନ ??**

ମୋ ପ୍ରଶ୍ନର ଝଡ଼ ତୁମ ଝର୍କା ଦେଇ ବୋହିଯାଏ
ମୋ ପ୍ରଶ୍ନର ବର୍ଷାରେ ତୁମ ସାରା ମୁହଁ ଭିଜି ଯାଏ
ମୋ ପ୍ରଶ୍ନ ସବୁ ବୋଧେ ତୁମକୁ କେମିତି କେମିତି ଲାଗେ :-
**.........ମୋର ପ୍ରଶ୍ନ ??**

ତୁମର ଉତ୍ତର ତ ସବୁବେଳେ ଏକାଭଳି ଲାଗେ
ତୁମ ଉତ୍ତର ବି ବେଳେବେଳେ ଖାପଛଡା ଲାଗେ
ତୁମର ଉତ୍ତରର ଅପେକ୍ଷରେ ରାତି ଯାଇ ଦିନ ଆସେ :-
**.........ତୁମ ଉତ୍ତର ??**

ସଭାୟକ ମହାପ୍ରବନ୍ଧକ
ଭାରତୀୟ ରିଜର୍ଭ ବ୍ୟାଙ୍କ

# କାହାଣୀ

ଡ : ତପନ କୁମାର ପ୍ରଧାନ

କାହାଣୀ ଲେଖୁ ଲେଖୁ ସିଏ କବିତାଟେ ଲେଖି ପକାଇଲେ :-
ସଜ ଫୁଲର ବାସ୍ନା          ପ୍ରଜାପତିର ରଙ୍ଗ
ଆକାଶର ନିବିଡତା          ସମୁଦ୍ରର ଆକର୍ଷଣ
ଆଉ ଦୂର କୋଇଲିର କୁହୁ କୁହୁ ସୁମଧୁର ଦାନ
ଏଥିରେ କଣ ଆଉ କାହାଣୀ ଲେଖି ହୁଏ ?

କବିତା ଲେଖୁ ଲେଖୁ ସିଏ କାହାଣୀଟେ ଲେଖିପକାଇଲେ :-
ଝିଅର ବାହାଘର          ପୁଅର ବେକାରୀ
ଗୁଣ୍ଡା ବାଲାଙ୍କ ଜୁଲୁମ୍          ଘର ବାଲାର ତାଗିଦ୍
ଆଉ ରାତି ଦିନ ମାଇପଟାର ଶୁଣେଇ ଶୁଣେଇ କଥା
ଏଥିରେ କଣ ଆଉ କବିତା ଲେଖି ହୁଏ ?

କବିତା - କାହାଣୀର ଆବର୍ତ୍ତରେ ସେ ନିଜକୁ ହିଁ ଭୁଲିଗଲେ :-
କଳାହାଣ୍ଡିର ଚିତ୍କାର          ପାର୍ଲାମେଣ୍ଟର ହଟ୍ଟଗୋଳ
ମନ୍ଦିର - ମସ୍‌ଜିଦ ବିବାଦ   ନର୍ଦ୍ଦମାର ମଲା ମୁହଁ
ଆଉ ବଜାରର ହୁ - ହୁ ହୋଇ ବଢୁଥିବା ଦରଦାମ-
ସବୁ କିଛି ଭୁଲିଗଲେ

କାହାଣୀ ଲେଖୁ ଲେଖୁ ସେ ନିଜେ ଗୋଟେ
କାହାଣୀଟେ ବନି ଗଲେ ।

ସହାୟକ ମହା-ପ୍ରବନ୍ଧକ
ଭାରତୀୟ ରିଜର୍ଭ ବ୍ୟାଙ୍କ

# ଜୀବନ

କୈଳାଶ ଚନ୍ଦ୍ର ନାୟକ
ଆଡ଼ଭୋକେଟ

ଜୀବନଟା ଏକ ସଙ୍ଗୀତ,
ଗାଇ ପାରିଲେ ମନ ମୋହିନିଏ
ପୁଲକିତ ହୁଏ ମୁହୁର୍ତ୍ତ ମୁହୁର୍ତ୍ତ ।
କେତେବେଳେ ପୁଣି ଛନ୍ଦ ହରା ପରି
ହୃଦୟକୁ କରେ ବ୍ୟଥିତ ବିବ୍ରତ ।୧।

ଜୀବନ ଯେ ଆରାଧନା ।
ଫୁଲ ଓ ଦୀପାଳି, ପୁଣି
ଶଙ୍ଖନାଦର ସମ୍ବର୍ଦ୍ଧନା
ପୁଣି, ଜୀବନ ଯେ ଅଭିଶାପ ।
ଦେହର ଶବକୁ ବୋହିବାର
ନିଷ୍ଫଳ ବେଦନା ।୨।

ହିଁ, ଜୀବନ ଯେ ତାରାଭରା ଜହ୍ନରାତି ,
ପ୍ରିୟ ପ୍ରିୟାର ନିବିଡ଼ ଆଳାପ ।
ଆଉପୁଣି -
କାହା ପାଇଁ ପାଲଟେ
ଝଡ଼ର ଇଗଲ ଓ କପୋତୀ ବିଳାପ । ୩ ।

ଜୀବନ ଯେ ପୁଣି ତ୍ୟାଗର
ଦୀପ ଜଳି ଜଳି ଖୋଜିଗ୍ଚଲେ
ବୁକୁଭରା ଆନନ୍ଦ ନୀରବେ
ହୃଦୟର ପଣତରେ
ସଂପର୍କର ଶେଫାଳିକୁ
ଗୋଟାଇ ଗୋଟାଇ । ୪ ।

ଜୀବନଟା କିନ୍ତୁ ନୀରବ ସାଧନା
ନ ରହୁ ଏଠାରେ
ମୋହର ଶିକୁଳି ପୁଣି ମାୟାର ଜଡ଼ତା ।
ଏତ ନିର୍ବାଣର ବାଟ ।
ଛୁଟି ଗ୍ଚଲୁ ଇଶ୍ୱର ସନ୍ଧାନେ
ପ୍ରାଣେ ପ୍ରାଣେ ଭରିଉଠୁ
ଓଁ କା ର ପ୍ରଣବ ଚେ୍ତନା
ଓଁ କାର ପ୍ରଣବ ଚେ୍ତନା

କଟକ
ସି. ଡି. ଏ

# ଦୂରତା

ମନିଷା ମଲ୍ଲିକ

ଏଠି ନ ଥାଏ ଗଙ୍ଗଶିଉଳୀର ବାସ୍ନା
କି ଗାଁ ମାଟିର ଭୁରୁ ଭୁରୁ ଗନ୍ଧ

ପୁଣି ନ ଥାଏ ସକାଳର ଢ଼ଳ ଢ଼ଳ କାକର ବିନ୍ଦୁ
ଆଉ ଚଢ଼େଇ ମାନଙ୍କର କାକଳୀ ଶବ୍ଦ,

ଏଠି ଥାଏ ଖାଲି ମାନବ ଯନ୍ତ୍ରର କୃତ୍ରିମତା
ଆଉ ଡ଼ିଜେଲ, ପେଟ୍ରୋଲର ଅସ୍ୱାଭାବିକ ଗନ୍ଧ ।

ଏଠି ନ ଥାଏ କୋଇଲିର କୁହୁଶବ୍ଦ
ଏଠି ନ ଥାଏ ରାତ୍ରୀର ନିରବତା

ଏଠି ଥାଏ ଗାଡ଼ି, ମଟରର ଘଁ ଘଁ ଶବ୍ଦ
ଆଉ ଯନ୍ତ୍ରଗ୍ରୃଳିତ ମାନବର ଅସହାୟତା

ବାସ୍ତବତାର ପଦଚିହ୍ନ ମିଳେ ନାହିଁ କେବେ
ତଥାପି ଏଠି ମଣିଷ ସଂଗ୍ରାମ କରେ କାହିଁ ଜିଇବାକୁ ଏତେ ।

ଏଠି ବାସ୍ତବିକତା ସହ ଯୁଦ୍ଧ କରେ କୃତ୍ରିମତା
ନା ହାର ମାନେ ଇଏ, ନା ହାର ମାନେ ସିଏ,

ପରି ଶେଷରେ ରହିଯାଏ, ପୁଣି ସେହି ଦୂରତା.......

କଟୁରିଆ ସୋରାଇ, ନୂଆଦିଲ୍ଲୀ

# ଅଭି ନନ୍ଦନ

ଶ୍ରୀକର ନାୟକ

ପଦାର୍ପଣ ଆଜି ପଞ୍ଚବଂଶ ପାହାଚ଼ରେ,
ଦା-ତ୍ୟର ସୁଖ ସ୍ରୋତ ବହୁ ନିରନ୍ତରେ ।

ନ ଥିଲା କ୍ଳେଶ ଅତୀତେ ନଥିବୁ ଆଗରେ,
ସ-ତିର ସୁଖ ଘେନି ଅଣୁ, ଓ ନାଦୁରେ ।

'ହଇଗୋ ଶୁଣୁଛ' ଉକ୍ତି ଜ୍ୟୋସ୍ନା ମୁହେଁ ରଙ୍ଗେ,
'ନବ' କର୍ଣ୍ଣେ ଗୁଞ୍ଜୁ ଥାଉ ମଧୁ ଭରା ଢ଼ଙ୍ଗେ ।

ପୂର୍ଣ୍ଣମୀର ନବଜ୍ୟୋସ୍ନା ଯେମନ୍ତ ପ୍ରକାରେ,
ଜ୍ୟୋସ୍ନାର ତରଙ୍ଗ ଖେଳୁ 'ନବ' ଜୀବନରେ ।

ସମୟତ ଗଢ଼ିଯାଏ ବିଧାନ ବିଧିର,
ବାଂଧିବନି ଆଶା ଆଉ ଅଣୁ ଅନୁଜର ।

ମଙ୍ଗଳମୟ ମୂହୁର୍ତ୍ତ ଶୁଭାକାଂକ୍ଷୀ ଚିନ୍ତେ,
ମଙ୍ଗଳ ହେଉ ଜୀବନ ଏଇ ଆଶା ରଖେ ।

ନବକୃଷ୍ଣ ସାହୁ ଓ ଜ୍ୟୋସ୍ନାସାହୁର
Silver Jubilee Marriage Anniversary
ଅବସରରେ

# ମହାସପ୍ତମୀ ଚନ୍ଦ୍ରଭାଗା

ହାରାମଣି ମଲ୍ଲିକ

ଗୋଧୂଳିର ମଧୁ ଲଗନେ ଚନ୍ଦ୍ରଭାଗା ସୁନ୍ଦରୀ
ବେଳାଭୂମି ତଟେ ମିଳିଲା କରେ କାନ୍ଦୁକ ଧରି,
ମନ୍ଦାର ଅଧରି କାନ୍ଦୁକ ଫିଙ୍ଗେ ଉର୍ଦ୍ଧ୍ୱକୁ ଟେକି
ଦର କରକିତ ଜରରେ, ଧରେ କମଳ ମୁଖୀ ।
କ୍ରୀଡ଼ା ଛଳେ ବାଳୀ ନାଚଇ ଗ୍ଭଳି ଗ୍ଭରୁ ରେଣ
ନଉ ଚ଼କ୍ର ଖସି, ଏକାଳେ ପାଶେ ହେଲେ ତପନ
ଦଣ୍ଡେ ସ୍ତମ୍ଭୀଭୂତ ହୋଇଲେ ମୀହିର ଚ଼ନ୍ଦ୍ରଭାଗା ରୂପ ଗ୍ଭହିଁ ।
ନୟନ  ଯୁଗଳେ ନିର୍ବାକେ ନିରୋପୀ ରୂପ ମଧୁ ଗଲେ ପିଇ
ସୂର୍ଯ୍ୟ କିଏ ତୁ ବାଳୀଶ ତୋ ରୂପ ଶୋଭାରେ
 ବେଳାଭୂମି ହସି ଉଠଇ
ଆରେ କମଳ ନୟନା ତୋ କୋମଳ ଚରଣ
ଚିହ୍ନରେ କମଳ ଫୁଟଇ
କୋକିଳ ବଚନା ଶାନ୍ତ କଣ୍ଠେ କହେ ଚ଼ନ୍ଦ୍ରଭାଗା ନାମ ମୋର
ପିତା ମୋ ଭୁମନ୍ୟୁ ମାତା ମୋ ସୁକନ୍ୟା ସିନ୍ଧୁପୁରେ ଆମ ଘର ।
ଆସେ ସନ୍ଧ୍ୟା ଦେବୀ ଦେବ ରବି ଦେବ ଯାଉଛନ୍ତି ମାଆକୋଳ
କାହିଁ ଯିବ ବେଗ ଯାଅ ହେ ପଥୁକୀ ବେଳ ହେଉଛି ଉଛୁର ।
ଚ଼ନ୍ଦ୍ରଭାଗା ପାଶେ ଦେଖିଣ ସୂର୍ଯ୍ୟଙ୍କୁ ସେ ଦେବ ମୀନ କେତନ
ପୂର୍ବ ପ୍ରତିଶୋଧ ନେବାଲାଗି ବେଗେ ପ୍ରହାରିଲେ ପଞ୍ଚ ବାଣ
ବାଜି ପଞ୍ଚସର କାମେ ଜରଜର ହେଲା ମିହୀର ବାରିର
ଡ଼ାକନ୍ତି ଆବେଗେ ଆସ ଚ଼ନ୍ଦ୍ରଭାଗା ମୋର ତୁଙ୍ଗ ଜାନୁପର ।
ମୁଁ ବ୍ରାହ୍ମଣ ସଂସାର ପାଳକ ଅଟେରେ ନବ କିଶୋର
ବଞ୍ଚାଇ ରଖିଛି ଏ ସାରା ବିଶ୍ୱକୁ, ସର୍ବଦା ତେଜ ମୋହରି
ଭାଇସେ ଚ଼ନ୍ଦ୍ରଭାଗାରେ ନିଚେତ ଦୁର୍ମତି ଏଡ଼େ ତୋର ନିଛପଣ
ଜାଣିଲେ ମୋ ପିତା ତାଙ୍କ ଅଭିଶାପେ ଧ୍ୱଂସ ହେବୁ ଅକାରଣେ
ନ ଶୁଣିଲେ ରବି ପ୍ରସାରିଲେ କର ବାଳୀକୁ ଧରିବା ପାଇଁ
ଆକୁଳ ପରଶେ ଧାଏଁ ଚ଼ନ୍ଦ୍ରଭାଗା ହେ ଜନକ ଆସ ଧାଇଁ
ପଳାଏ ବାଳୀଶ ଧାମନ୍ତି ଦୀନେଶ ଚ଼ନ୍ଦ୍ରଭାଗା ଯିବା ପଥେ
ପଳାନା ପଳନା ଆଗୋ ଚ଼ନ୍ଦ୍ରଭାଗା ବିନୟକରୁଛି ତୋତେ
ନ ମାନିଲା ଦୃତ ପଥେ ଧାଇଁ ସିନ୍ଧୁ ଗର୍ଭେ ଦେଲା ଝ୍ୱାସ ।

ନିର୍ବାକ ନିସ୍ତବ୍ଧେ ଆକୁଳ ପରାଣେ ଗ୍ଭହିଁ ରହିଲେ ଦୀନେଶ
ଧୀକ ମୋ ଜୀବନ ଧୀକ ମୋର ଗର୍ବ ଧୀକ ମୋର ନାମ ଧର୍ମ
ଜାଣିଲେ ଭୁମନ୍ୟ ଚ଼ନ୍ଦ୍ରଭାଗା ଦେଲା ସୂର୍ଯ୍ୟ ଲାଗି ସିନ୍ଧୁ
କାଳସର୍ପ ସମ ବହଇ ନିଶ୍ୱାସ ବେଗେ ଧାଇଁଲେ ମୁନୀଶ
ନିକଟ ହେଲେ ଧୀକ ଧୀକ ସୂର୍ଯ୍ୟଧୀକ ତୁମ କର୍ମ ପାପାଗ୍ଭରୀ ଦୁରାଗ୍ଭରେ
କେଉଁ ଗୁଣ ବହି ଧର୍ମ ନାମ ବହି ଆକାଶେ ହୁଅ ଉଦୟ
ରଖି ନ ପାରିଯେ ବ୍ରହ୍ମା, ବିଷ୍ଣୁ, ଶିବ, ହେବ ଆଜ ଅବକ୍ଷୟ
ସୂର୍ଯ୍ୟ କ୍ଷମାକର କ୍ଷମାକର ଦେବ ଋଷି ରକ୍ଷକ ହୋଇଣ ଭକ୍ଷକ
ହୋଇଲ ଦେବ କୁଳର କଳଙ୍କ
ଏଣୁ କରି ତବ ପବିତ୍ର ନାମରେ ଆଉ ରଟିବ କଳଙ୍କ
ଧର୍ମ ନାମ ବହି ଅଧର୍ମ କରିଲେ ଦେବ କୁଳ କୁଳାଙ୍ଗାର
ନିର୍ଜନ ବେଳାରେ ନିରିହା ବାଳାରେ ଚଳାଇଲ ଅତ୍ୟାଗ୍ଭର
ବିଶ୍ୱ ସୁ ବିଦିତ ଏହି ପୂର୍ଣ୍ଣ୍ୟଛଳ ମହା ମନ୍ଦିର କୋଣାର୍କ
ଏ ମୋ ଆଭିଶାପେ ହେଉ ଭୁ ଲୁଣ୍ଠିତ ଦେଖ ଦେଖ ଏବେ ଅର୍କ
ମନ୍ତ୍ର ପୁତ ଜଳ ଫିଙ୍ଗିଲେ ମୁନୀଶ ପଡ଼ିଲା ମନ୍ଦିର ଚୂଳେ
ବଜ୍ରସମ ହେଲା ଘଡ଼ ଘଡ଼ି ଶବ୍ଦ ପଡ଼ିଲା ମନ୍ଦିର ତଳେ
ଆହା ଆହା କହି ଦେବ ଦିମଣି ହୋଇଗଲେ ଜ୍ଞାନ ଶୂନ୍ୟ
ଘଡ଼ିକେ ଚେତନା ପାଇଲେ ମିହୀର ହେଲେ ନେତ ଜାନୁ
ପ୍ରଣମିଲେ ପୁନଃ ପୁନଃ
ହେ ମୁନୀଶ ରୋଷ ତ୍ୟାଗ କରି ଏହି ପାପତ୍ମା କ୍ଷମାଦିଅ
ଚନ୍ଦ୍ରଭାଗା ସିନା ଅବଳା ଅଟଇ କିର୍ତ୍ତୀ ରଖିଲା ଅକ୍ଷୟ
ଅଦ୍ୟ ସପତମୀ ତିଥୀ ମାଘ ମାସ ପବିତ୍ର ଏ ସିନ୍ଧୁ କୁଳ
ଷଷ୍ଠୀ ଦିନୁ ପ୍ରଭାତ ପୂର୍ବରୁ ହେବ ଭକ୍ତ କୋଳାହଳ
ଧନୀ ମାନୀ । ଜ୍ଞାନୀ କିବା ରୋଗୀ ଭୋଗୀ କରିବେ ଏ ଜଳେ ସ୍ନାନ
କୋଟି ଜନମର ପାତକ ଧୋଇବେ ହୋଇବେ ଉତ୍କଳ ଧନ୍ୟ
ଯୁଗ ଯୁଗ ଧରି ରହିବ ଏ କଥା ମହା ପବିତ୍ର କୋଣାର୍କ
ନ ହୋଇଣ ଏ ଧ୍ୱଂସ ଭଗ୍ନାଶେଷ ଥାଉ ରହୁ ଚ଼ନ୍ଦ୍ରଭାଗା ଯଶ ।

ଭୁବନେଶ୍ୱର

# ତଥାପି ଆଶା ଅଛି

ଶ୍ରୀକାନ୍ତ ଚାଟାର୍ଜୀ

ଏକ ସୁସ୍ଥ ସମାଜ ତିଆରିପାଇଁ ସମାଜର ପ୍ରତିଟି ଅଙ୍ଗ ଏବଂ ସଂଗଠନରେ ଏମିତି ବ୍ୟକ୍ତି ଥିବା ଆବଶ୍ୟକ ଯେଉଁମାନଙ୍କୁ ଅନ୍ୟମାନେ ଆଦର୍ଶ ଭାବରେ ଗ୍ରହଣ କରିବେ ଏବଂ ତାଙ୍କ ପଦାଙ୍କ ଅନୁସରଣ କରିବେ । ଆଜିକାଲି ଏଭଳି ବ୍ୟକ୍ତିଙ୍କ ସଂଖ୍ୟା କମ୍ ହୋଇଯାଉଛି । ଆମ ସମାଜରେ ଅଧୁନା ଦେଖା ଦେଇଥିବା ଉଚ୍ଛୃଙ୍ଖଳତା ଏବଂ ଦିଶାହୀନତା ଅନ୍ୟତମ ମୁଖ୍ୟ କାରଣ ହେଲା ସମାଜ, ସଂସ୍ଥା ଏବଂ ସଂଗଠନମାନଙ୍କରେ ଉତ୍ତମ ଆଦର୍ଶ ବା ରୋଲ୍- ମଡେଲ୍‌ର ଅଭାବ । ଏ ପ୍ରବନ୍ଧରେ ଏହି ଏବଂ କିଛି ଜଣା-ଅଜଣା ରୋଲ୍-ମଡେଲ୍‌ଙ୍କ ବିଷୟରେ ଆଲୋଚନା କରିବା ।

ଆଲୋଚନା ଆରମ୍ଭ କରିବା ଫକୀରମୋହନଙ୍କ 'ମାମୁଁ' (୧୯୧୩)ର ମାମୁଁ ନଟବର ଏବଂ ଗୋପୀନାଥ ମହାନ୍ତିଙ୍କ 'ଦାନାପାଣି' (୧୯୫୫)ର ବଳିଦତ୍ତ ଚରିତ୍ରରୁ । ମାମୁଁ ସରକାରୀ ଚାକିରି କରନ୍ତି- କଟକ କିଲଟରୀ 'ନାଜିର' (କିରାଣି) । ବଳିଦତ୍ତ ବିଦେଶୀ ଘରୋଇ କମ୍ପାନୀରେ କିରାଣି । ଉଭୟେ 'ସଫଳ' ହେବାକୁ ଚାହାନ୍ତି । ସଫଳ ହେବାପାଇଁ ସବୁ ପ୍ରକାରର ବେନିୟମ, ଦୁର୍ନୀତିମୂଳକ ଏବଂ ଅନୈତିକ କାମ କରନ୍ତି । କାରଣ, କଳେବଳେକୌଶଳେ 'ସଫଳ' ହେବାକୁ ପଡ଼ିବ, ତେଣିକି ଭଉଣୀର ସମ୍ପତ୍ତି ହଡ଼ପ କରିବାକୁ ହେଉ ବା ଘୁଷୁରି ମଳ ଯୋଗାଡ଼ କରିବାକୁ ହେଉ ! ଗୋଟିଏ ପାଖପାଖି ଶହେ ଏବଂ ଅନ୍ୟଟି ପଚାଶ ବର୍ଷ ତଳର ଲେଖା । ବର୍ତ୍ତମାନର ଅବସ୍ଥା ଦେଖିଲେ ନଟବର ଓ ବଳିଦତ୍ତ କାଳ୍ପନିକ ଚରିତ୍ର ନୁହେଁ ବରଂ ସର୍ବବିଦ୍ୟମାନ ପ୍ରକୃତ ମଣିଷସବୁ ଭଳି ଦେଖାଯା'ନ୍ତି ପ୍ରତ୍ୟେକ ସଂସ୍ଥା ଏବଂ ସଂଗଠନରେ ସବୁ ସ୍ତରର କର୍ମକର୍ତ୍ତାମାନଙ୍କ ମଧ୍ୟରେ ନିଜ ନିଜର ସୁବିଧା ଏବଂ ସ୍ୱାର୍ଥପାଇଁ ରେଷାରେଷି, ବଳ କଷାକଷି ଏବଂ ଲଗାମହୀନ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି । ଅନ୍ୟର ଉନ୍ନତିରେ ଅନ୍ତରାୟ ସୃଷ୍ଟି କରିବା, ଅନ୍ୟର ଭଲକାମକୁ ନିଜର କାମ ଭାବରେ ଦେଖାଇବା, ନିଜ ବିଫଳତାକୁ ଅନ୍ୟ ଉପରେ ଲଦି ଦେବା, ସଂଗଠନର ମୁଖ୍ୟ ଭାବରେ ନିଜ ଉପରେ ଦୋଷ ନ ଦେଇ ଅନ୍ୟକୁ ଦୋଷୀ ସାବ୍ୟସ୍ତ କରିବାକୁ ଚେଷ୍ଟା କରିବା ଇତ୍ୟାଦି ଏହି ପ୍ରକ୍ରିୟାର ଅଙ୍ଗ । ସରକାରୀ ଚାକିରିରେ ଏସବୁ ଘଟଣା ବ୍ୟାପକ ଭାବରେ ପ୍ରଚଳିତ । ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ସରକାରୀ ଅଧିକାରୀଙ୍କୁ ସମ୍ବୋଧନ ଦେବା ସମୟରେ ଥରେ କହିଥିଲେ, 'ଦେଆର ଆର୍ ଟୁ କାଇଣ୍ଡସ୍ ଅଫ୍ ପିପୁଲ୍, ଦୋଜ୍ ହୁ ଡୁ ଦି ଓ୍ୱାର୍କ୍ ଆଣ୍ଡ୍ ଦୋଜ୍ ହୁ ଟେକ୍ ଦି କ୍ରେଡିଟ୍... ଟ୍ରାଏ ଟୁ ବି ଇନ୍ ଦି ଫାଷ୍ଟ ଗ୍ରୁପ୍... ଦେଆର୍ ଇଜ୍ ଲେସ୍ କମ୍ପିଟିସନ୍ ଦେଆର୍' (ଦିଲିପ୍ ଚେରିଆନ୍‌ଙ୍କ ନିବନ୍ଧ 'ଡଃ ସିଂହସ୍ ରୁଲିଂ କୋଡ୍', ଦି ଇଣ୍ଡିଆନ୍ ଏକପ୍ରେସ୍, ସମ୍ପାଦକୀୟ ପୃଷ୍ଠା, ମୁମ୍ବାଇ, ୨୦.୮.୦୬) । ମୋଟାମୋଟି ଅନୁବାଦହେଲା, 'ଦୁଇପ୍ରକାରର ଲୋକ ଥା'ନ୍ତି, ଦଳେ କାମ କରନ୍ତି ଏବଂ ଅନ୍ୟ ଦଳ ଏହାର ଫାଇଦା ନେଇ ସୁଖ୍ୟାତି ଅର୍ଜନ କରନ୍ତି... ପ୍ରଥମ ଦଳରେ ରହିବାକୁ ଚେଷ୍ଟା କରନ୍ତୁ...ସେଠି ପ୍ରତିଯୋଗିତା କମ୍ ।' ଅର୍ଥାତ୍ କାମ କରିବା ଲୋକ କମ୍, ଦେଖାଇହେବା ଲୋକ ବେଶୀ । ମାଧବ ଗୋଡ଼ବୋଲେ ଜଣେ ପୂର୍ବତନ ଆଇ ଏ ଏସ୍ ଅଫିସ୍‌ର । କେନ୍ଦ୍ର ଗୃହ ସଚିବ ଥିବାବେଳେ ଇସ୍ତଫା ଦେଇଥିଲେ । ଏହି ସମୟରେ ଘଟଣାର ଅବତାରଣା କରିବାକୁ ଯାଇ ଗୋଡ଼ବୋଲେ ତାଙ୍କ ଆତ୍ମଜୀବନୀ 'ଅନ୍‌ଫିନିସ୍‌ଡ୍ ଇନିଙ୍ଗ୍‌ସ' ରେ ଲେଖିଛନ୍ତି '(ଗୃହ) ମନ୍ତ୍ରୀ କହିଲେ ଯେ ରାଜନୈତିକ ନେତାଙ୍କ ଭିତରେ ଯେତେ ରାଜନୀତି ଅଛି ତା'ଠୁ ଅଧିକ ରାଜନୀତି ସରକାରୀ କର୍ମଚାରୀଙ୍କ ମଧ୍ୟରେ ବା ସିଭିଲ୍ ସର୍ଭିସ୍‌ରେ ଅଛି ମନେହୁଏ' (ପୃ. ୩୩, ଓରିଏଣ୍ଟ୍ ଲଙ୍ଗମ୍ୟାନ୍, ୧୯୯୬) । ବରିଷ୍ଠ ସ୍ତର ହେଉ ବା କନିଷ୍ଠ ସ୍ତର ହେଉ ସବୁ ସ୍ତରରେ ସେହି କଥା । ଘରୋଇ ସଂସ୍ଥାର ଅବସ୍ଥା ମଧ୍ୟ ତଥୈବଚ । ଏମିତି କଳୁଷିତ ବାତାବରଣରେ ଉତ୍ତମ ରୋଲ୍- ମଡେଲ୍ ଖୋଜିବା କାଠିକର ପାଠ ।

ତଥାପି, ଏହି ଉଦାହରଣ ଦେଖନ୍ତୁ । ଡଃ କେ ଆଞ୍ଜି ରେଡ୍ଡୀ ହେଲେ ଡଃ ରେଡ୍ଡୀଜ୍ ଲାବୋରୋଟରୀଜ୍ ଲିମିଟେଡ୍ କ–ାନୀର ପ୍ରତିଷ୍ଠାତା । ଡଃ ଅବଦୁଲ କାଲାମ ରାଷ୍ଟ୍ରପତି ପଦରୁ ଅବସର ନେଲାପରେ ଡଃ ରେଡ୍ଡୀ ଡଃ କଲାମଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, 'ପାଞ୍ଚ ବର୍ଷ ପୂର୍ବେ ହାଇଦ୍ରାବାଦର ଟେକ୍ନୋଲଜି ଡେଭେଲପ୍‌ମେଣ୍ଟ୍ ସେଣ୍ଟର୍‌ର ଉଦ୍‌ଘାଟନପାଇଁ ସେ (ଡଃ କାଲାମ୍) ଏଠି ଆସିଥିଲେ...ଆମେ ତାଙ୍କ ଉଦ୍‌ଘାଟନୀ ଭାଷଣ ପାଇଁ ସଭାଗୃହ (ଆମ୍‌ଫିଥିଏଟର୍)କୁ ଗଲୁ... ତାଙ୍କର ଗୋଟିଏ କଥା ଆମେ କେବେ ବି ଭୁଲିପାରିବୁ ନାହିଁ । ସାଂଗଠନିକ ନେତୃତ୍ୱ ଉପରେ କହିବାକୁ ଯାଇ ସେ ତାଙ୍କ ପଥପ୍ରଦର୍ଶକ (ମେଣ୍ଟର୍ ) ସତୀଶ ଧାବନଙ୍କ ଉଦାହରଣ ଦେଲେ । ସେଥିରେ ଧାବନ ଭାରତର ପ୍ରଥମ ରକେଟ୍ ଉତ୍‌କ୍ଷେପଣର ଅସଫଳ ପ୍ରୟାସକୁ କେମିତି ସମ୍ଭାଳିଥିଲେ ସେ ବିଷୟରେ କହିଲେ । ଯେମିତି ଉତ୍‌କ୍ଷେପଣ ବିଫଳ ହେଲା ଧାବନ ତାଙ୍କ କନିଷ୍ଠ ସହକର୍ମୀମାନଙ୍କୁ ନିଜ ନିଜ କର୍ମଶାଳାକୁ ଫେରିଯିବାକୁ କହିଲେ ଏବଂ ସ୍ୱୟଂ ସାମ୍ବାଦିକମାନଙ୍କ ସମ୍ମୁଖୀନ ହେଲେ । ଆରଥର ଯେତେବେଳେ ଉତ୍‌କ୍ଷେପଣ ସଫଳ ହେଲା, ସେ କନିଷ୍ଠ ସହଯୋଗୀ ସମ୍ବାଦିକମାନଙ୍କୁ ଭେଟି ତାଙ୍କୁ ସମ୍ବୋଧନ କରିବାକୁ କହିଲେ ଏବଂ ସ୍ୱୟଂ ନିଜ ଅଫିସ୍‌କୁ ଚାଲିଗଲେ ।' ଆମେ ସଚରାଚର ଏହାର ଓଲଟାଟା ଦେଖୁ । ନିଃସନ୍ଦେହେ ଆଜି ଆମର ମହାକାଶ ଯୋଜନା ସଫଳ ହୋଇଛି କାରଣ ଆମେ ସତ୍ୟଶ ଧାବନ ଭଳି କର୍ଣ୍ଣଧାର ପାଇଥିଲୁ । ତାଙ୍କର ସମ୍ଭାଷଣରେ କାଲାମ୍ ଆହୁରି କହିଲେ, '..... ଯେଉଁ ଔଷଧ ବଜାରକୁ ଆସୁଛି ତା'ର ସଫଳତାର ହାର ହେଲା ୧୦୦୦୦ରେ ୧ (ଦଶହଜାରରେ ଏକ) । ସେ ମୋ ଆଡ଼କୁ ଅନାଇ କହିଲେ ଯେ ସେହି ୯୯୯୯ଟି ବିଫଳତାପାଇଁ ଡଃ ରେଡ୍ଡୀ ଦାୟୀ ରହିବେ ଏବଂ ଯେଉଁ ଗୋଟିଏ ସଫଳତା ମିଳିବ ତା'ର ଶ୍ରେୟ ଯିବ ଆପଣମାନଙ୍କୁ– ଯୁବା ବୈଜ୍ଞାନିକଙ୍କୁ' (ଦି ହିନ୍ଦୁ, ପୃ.୯, ୧୬. ୮. ୦୭; ପ୍ରବନ୍ଧରେ ଏହି ଏବଂ ଅନ୍ୟ ଅନୁବାଦ : ଏହି ଲେଖକର) । ଡଃ ରେଡ୍ଡୀ ଆହୁରି ଲେଖିଥିଲେ, ଏପର୍ଯ୍ୟନ୍ତ ତାଙ୍କର ୯୯୯୦ଟି ବିଫଳତା ହେଲାଣି ଏବଂ ସେହି ଗୋଟିଏ ସଫଳତା ଆଡ଼କୁ ସେମାନେ ଆଗେଇ ଚାଲିଛନ୍ତି ।

ଚାକିରି ଜୀବନ ଛଡା ବିଭିନ୍ନ ପେସାଦାର ଜୀବନରେ ମଧ୍ୟ ସେହିଭଳି କଥା । ଜଣେ ଅନ୍ୟର ବାଟ ଓଗାଳିବା, ଅନ୍ୟର କୁତ୍ସରଟନା କରିବା, ଅନ୍ୟର ସଫଳତାରେ ଈର୍ଷାନ୍ୱିତ ହେବା ଇତ୍ୟାଦି ସାଧାରଣ କଥା । ଏ କ୍ଷେତ୍ରରେ ମଧ୍ୟ ଅନ୍ୟର କାମକୁ ନିଜ କାମ ବୋଲି ଚଳାଇଦେବାର ଅଭ୍ୟାସ ଅଛି । ଏଠି ବି ସଫଳତା ପାଇଁ ଜଣେ ପେସାଦାର ଯାହାକିଛି କରିଦେଇପାରେ । ଖେଳ, ସଂଗୀତ, କଳା ଇତ୍ୟାଦି କ୍ଷେତ୍ରରେ ପେସାଦାରମାନେ ଏପରି ଅନୈତିକ ପ୍ରତିଦ୍ୱନ୍ଦ୍ୱିତାରେ ମଗ୍ନ । ଏହା ମୁଖ୍ୟତଃ ଏକ ବ୍ୟକ୍ତିକୈନ୍ଦ୍ରିକ କାର୍ଯ୍ୟ ହୋଇଥିବା ହେତୁ ଏବଂ ଅସଂଗଠିତ କ୍ଷେତ୍ର ଅନ୍ତର୍ଭୁକ୍ତ ହୋଇଥିବା ହେତୁ ଏଠି ଅସ୍ଥିରତା ବେଶୀ । ଏଭଳି କ୍ଷେତ୍ରରେ ଅନୁକରଣୀୟ ରୋଲ–ମଡେଲ ଅଛନ୍ତି ? ନିକଟରେ ମାନ୍ନା ଦେଙ୍କୁ 'ଅକ୍ଷୟ ମହାନ୍ତି ପୁରସ୍କାରରେ ଅଳଙ୍କୃତ କରାଗଲା । ତାଙ୍କର ପ୍ରକୃତ ନାଁ ହେଲା ପ୍ରବୋଧ ଚନ୍ଦ୍ର ଦେ । ୧୯୧୯ ମସିହାରେ କଲିକତାରେ ଜନ୍ମ । ଯା ପୂର୍ବରୁ ସେ ମଧ୍ୟପ୍ରଦେଶ ସରକାରଙ୍କ ଲତା ମଙ୍ଗେଶକର ପୁରସ୍କାର, ପଦ୍ମଶ୍ରୀ (୧୯୭୧) ଏବଂ ପଦ୍ମଭୂଷଣ (୨୦୦୫) ପୁରସ୍କାର ପାଇସାରିଛନ୍ତି । ନିଃସନ୍ଦେହେ ମାନ୍ନା ଦେ ଦେଶର ଅଗ୍ରଣୀ କଣ୍ଠଶିଳ୍ପୀ । ସେ 'ସମୟ ନଇ ବହିଯାଏ' ଭଳି ଓଡ଼ିଆ ଗୀତ ମଧ୍ୟ ଗାଇଛନ୍ତି । ଯାହାହେଉ, ହିନ୍ଦୀ ଚଳଚ୍ଚିତ୍ରରେ ମହମ୍ମଦ ରଫି, ମାନ୍ନା ଦେ, ମୁକେଶ ଏବଂ କିଶୋର କୁମାର ସମସାମୟିକ। ଏ ଭିତରେ ରଫି ସାହେବ ଥିଲେ ତାଙ୍କ ସମୟର ସବୁଠୁ ବେଶୀ ଜନପ୍ରିୟ ଗାୟକ ଏବଂ ମାନ୍ନା ଦେ ଥିଲେ ଶାସ୍ତ୍ରୀୟ ସଂଗୀତରେ ନିପୁଣ ତେଣେ ମାନ୍ନା ଦେଙ୍କ କକା ଏବଂ ଗୁରୁ କୃଷ୍ଣଚନ୍ଦ୍ର ଦେ ମୁମ୍ବାଇରେ ପୂର୍ବ ପିଢ଼ିର ପ୍ରତିଷ୍ଠିତ ଗାୟକ ଏବଂ ସଂଗୀତ ନିର୍ଦ୍ଦେଶକ ଥିଲେ । ଏଣୁ ରଫି ଏବଂ ମାନ୍ନାଙ୍କ ଭିତରେ ଏକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତା ଥିଲା । ଏହା ସତ୍ତ୍ୱେ ମାନ୍ନାଙ୍କ ମହାନତା ଦେଖନ୍ତୁ । ନିକଟରେ ତାଙ୍କ ଆତ୍ମକଥା 'ମେମୋରିଜ୍ କମ୍ ଆଲାଇଭ' ପ୍ରକାଶିତ ହୋଇଛି (ପେଙ୍ଗୁଇନ୍, ୨୦୦୭) । ଏଥିବରେ ମାନ୍ନ ଦେ ଲେଖିଛନ୍ତି, '୧୯୪୨ ମସିହାରେ ମୁଁ ବାବୁକାକା (କୃଷ୍ଣଚନ୍ଦ୍ର ଦେ)ଙ୍କ ପାଖରେ ଦ୍ୱିତୀୟ ସହାୟକ ଭାବେ ଶହେ ପଚାଶ ଟଙ୍କା ମାସିକ ଦରମାରେ ଯୋଗ ଦେଲି– ସେ ସମୟରେ ଏହା ବେଶ୍ ଭଲ ଟଙ୍କା ଥିଲା.... କ୍ରମଶଃ

ବାବୁକାକା ମୋ ଉପରେ ନିର୍ଭର କରିବାକୁ ଲାଗିଲେ... ମୁଁ ବାବୁକାକାଙ୍କ ପାଖରେ ଚିର ଋଣୀ । ମୁଁ ଆଜି ଯାହା ସବୁ ବାବୁକାକା ପାଇଁ...ତେବେ ମୁଁ କୃଷ୍ଣଚନ୍ଦ୍ର ଦେଙ୍କ ପୁତୁରା ବୋଲି ମୋତେ କେବେ ବି ଅଯଥା ସୁବିଧା ମିଳିନାହିଁ । ମୋର ନିଜସ୍ୱ ଗୁଣ ନଥିଲେ ସେ ମୋତେ ତାଙ୍କ ପୁତୁରା ବୋଲି ପରିଚୟ ଦେଇଥା'ନ୍ତେ କି ନାହିଁ ମୋର ସନ୍ଦେହ ଅଛି.... ନିମ୍ନଲିଖିତ ଘଟଣାରୁ ଏହା ସ୍ପଷ୍ଟ ହୋଇଯିବ । ସେ ମୋତେ ଗୋଟିଏ ଗୀତ ଶିଖାଉଥିଲେ । ଚମତ୍କାର ଗୀତଟିଏ । ମୁଁ ଅତି ଯତ୍ନର ସହିତ ଗୀତଟି ଆୟତ୍ତ କଲି । କକା ହଠାତ୍ ଘୋଷଣା କଲେ, 'ମୁଁ ଚାହେ ରଫି ଏହି ଗୀତଟି ବୋଲନ୍ତୁ । ଆସନ୍ତାକାଲି ତାଙ୍କ ସହିତ ଯୋଗାଯୋଗ କର ଏବଂ କାଲିଠୁ ତାଙ୍କୁ ରିହର୍ସଲ୍‌ପାଇଁ ଆସିବାକୁ କୁହ। ସେ ଗୀତଟି ସଂପୂର୍ଣ୍ଣ ଆୟତ୍ତ ନ କଲା ପର୍ଯ୍ୟନ୍ତ ଅଭ୍ୟାସ କରିବେ । ତା' ପରେ ଆମେ ରେକର୍ଡ଼୍ କରିବା' । ମୁଁ ହତାଶ ହୋଇଗଲି । ମୋତେ କାହିଁକି କକା ଏ ସୁନ୍ଦର ଗୀତଟି ଗାଇ ଦେଉନାହାନ୍ତି..... ମୁଁ ନିଶ୍ଚୟ ରଫିଠୁ ଭଲ ଗାଇବି । ନିଜର ଆବେଗ ସମ୍ଭାଳି ନ ପାରି କକାଙ୍କୁ ପଚାରିଲି, 'କକା, ମୋତେ ଏ ଗୀତ ଗାଇବାକୁ ଅନୁମତି ମିଳିବନି ?' ବାବୁକାକା ମୋ ଆଡ଼କୁ ଅନାଇ ଉତ୍ତର ଦେଲେ, 'ଆଦୌ ନୁହେଁ । ରଫିଙ୍କ କଣ୍ଠ ତମର ଆସିବ ନାହିଁ... ମୁଁ ମ୍ରିୟମାଣ ହୋଇପଡ଼ିଲି । ରଫି ମିଆ ତହିଁ ଆରଦିନ ଆସି ପହଞ୍ଚିଲେ ଏବଂ ମୋତେ ହିଁ ତାଙ୍କୁ ଗୀତଟି ଶିଖାଇବାକୁ ପଡ଼ିଲା... ମୁଁ କକାଙ୍କ ଉପରେ ଭୀଷଣ ରାଗିଯାଉଥାଏ । କିନ୍ତୁ ରଫି ଯେତେବେଳେ ଗୀତଟି ରେକର୍ଡ଼୍ କରିବା ଆରମ୍ଭ କଲେ, ମୁଁ ଜାଣିଗଲି ଯେ କକା ହିଁ ଠିକ୍ ଥିଲେ । ମୁଁ ଭଲ କରୁଥିଲି । ଅନ୍ତତଃ ସେ ସମୟରେ ସେ ଗୀତକୁ ମୁଁ ରଫିଙ୍କଠୁ ଭଲ ଗାଇ ପାରିନଥା'ନ୍ତି' (ପୃ. ୧୦୪-୧୧୦) । କେ ସି ଦେ, ମାନ୍ନା ଦେ ଏବଂ ରଫି ସାହେବଙ୍କ ସଂପର୍କର ଅଦ୍ଭୁତ ନିଦର୍ଶନ । ଗୁଣ ଚିହ୍ନିବା, ଗୁଣକୁ ସମ୍ମାନ ଦେବା ଏବଂ ତାକୁ ପ୍ରକାଶ୍ୟରେ ସ୍ୱୀକାର କରିବା ର ଏକ ବିରଳ ଉଦାହରଣ । ଆଜିର କଳୁଷିତ ବାତାବରଣରେ ମାନ୍ନା ଦେ ନିଶ୍ଚିତ ଜଣେ ଉତ୍ତମ ଆଦର୍ଶ- ଏକ ପରଫେକ୍ଟ୍ ରୋଲ୍ ମଡେଲ୍ ।

ପ୍ରବନ୍ଧ ସାଙ୍ଗ କରିବା ଉପାନ୍ତ ଅଞ୍ଚଳର ଏକ ଅଜଣା ଉଦାହରଣ ଦେଇ । ଜିହତ ରାମ ପଟେଲ ଖଡ଼ିଆଳର ବୟୋଜ୍ୟେଷ୍ଠ ନାଗରିକ । ତାଙ୍କରି ପାଖରେ ଶୁଣିଥିବା ଏହି ଉଦାହରଣ । ତାଙ୍କ ପୁତ୍ର ବିଜୟାନନ୍ଦ ପଟେଲ ଭୁବନେଶ୍ୱର ସୈନିକ ସ୍କୁଲ ଏବଂ ବୁର୍ଲା ଇଞ୍ଜିନିୟରିଙ୍ଗ୍ କଲେଜ୍‌ରୁ ପାସ କରି ନୌସେନାରେ ଯୋଗଦେଲେ । ଭାରତୀୟ ସେନା ବାହିନୀର ଅଫିସରମାନେ ଅନୁଶାସନପ୍ରେମୀ, କର୍ମଠ ଏବଂ ସାଂଗଠନିକ ନେତୃତ୍ୱପାଇଁ ଉପଯୁକ୍ତ ବୋଲି ବିଶ୍ୱବିଖ୍ୟାତ । ଏଣୁ ଆଜିର ମୁକ୍ତ ବଜାର ଯୁଗରେ ବହୁ ରାଷ୍ଟ୍ରୀୟ ତଥା ଦେଶୀୟ ବଡ଼ କଂପାନୀମାନେ ଭାରତୀୟ ସେନାବାହିନୀର ବହୁ ଅଫିସରଙ୍କୁ ମୋଟା ଦରମା ଦେଇ ନେଇଯାଉଛନ୍ତି । ବିଜୟବାବୁଙ୍କୁ ଏମିତି ଏକ ପ୍ରସ୍ତାବ ମିଳିଲା । ବିଜୟବାବୁ ତାଙ୍କ ମା'ଙ୍କୁ ଏ କଥା କହି ବାପାଙ୍କ ଅନୁମତିପାଇଁ ଅନୁରୋଧ କଲେ । ବାପା ସବୁ ଶୁଣି କହିଲେ, ଆମେ ତାଙ୍କୁ ଦେଶସେବାପାଇଁ ପଠାଇଛୁ । କଂପାନୀ ସେବାପାଇଁ ନୁହେଁ । ତାଙ୍କୁ ଯେତେ ଦରମା ଏବଂ ସରକାରୀ ସୁବିଧା ମିଳୁଛି ତାହା ତାଙ୍କ ଏବଂ ତାଙ୍କ ପରିବାରପାଇଁ ଯଥେଷ୍ଟ ହେବା ଉଚିତ । ଏଣୁ ଆପଣ ଆପଣଙ୍କ ପୁତ୍ରଙ୍କୁ କହିଦିଅନ୍ତୁ ଯେ ତାଙ୍କର କଂପାନୀ ଚାକିରିପାଇଁ ଆମର ସମ୍ମତି ନାହିଁ । ବିଜୟବାବୁ ବହୁରାଷ୍ଟ୍ରୀୟ କଂପାନୀର ଯୋଗ ଦେଲେ ନାହିଁ । ନିକଟରେ ସେ ନୌସେନାର ବରିଷ୍ଠ ପଦରୁ ସେବାନିବୃତ୍ତ ହୋଇଛନ୍ତି । ଆଜିକାଲି ଏମିତି ବାପା ବି ଅଛନ୍ତି, ଏମିତି ପୁଅ ବି ଅଛନ୍ତି । ଏକ ଛୋଟ ଜାଗାର ଏକ ଅନବଦ୍ୟ ଉଦାହରଣ ।

ବିରଳ ହେଲେ ମଧ୍ୟ ଏବେ ବି ରୋଲ୍-ମଡେଲ୍ ଅଛନ୍ତି । ଏମାନଙ୍କୁ ଲୋକ ଲୋଚନକୁ ଆଣିବାକୁ ପଡ଼ିବ । ଏଥିରେ ଆମ ସମସ୍ତଙ୍କ ସ୍ୱାର୍ଥ ଜଡ଼ିତ ଅଛି । ନ ହେଲେ ନଟମାମୁ ଏବଂ ବଳି ବାବୁଙ୍କ ଅବାଧ ବଂଶବସ୍ତାର ଚାଲିଥିବ ।

(ସମାଜ, ୧୬.୧୧.୦୭)

# ହୃଦୟ କଣିକାଏ

ଅମରେଶ ପଟ୍ଟନାୟକ

କଟକ ଛାତିରେ କଳାଜାଇ ଭଳି ଥାନଟିଏ । ତିନିକୋଣିଆ ବଗିଚାରୋ ତା' ଭିତରେ ହୃଦୟଟିଏ । ତା'ରି ଭିତରେ ଥାଆନ୍ତି ସୋ ସେ କବି ପଦ୍ମଶ୍ରୀ ଡକ୍ଟର ଜୟନ୍ତ ମହାପାତ୍ରା ସାଆର୍କ (ଏକ୍ଷିଣ ଏସୀୟ ଆଂଚଳିକ ସହଯୋଗ ସଂଘ) ୨୦୧୦ ପୁସ୍ତିକା ଭାଷାରେ: ''ଆଧୁନିକ ଯୁଗର ସବୁଠୁଁ ବଡ଼ ଭାରତୀୟ କବିଙ୍କ ମଧ୍ୟରୁ ଜଣେ ସେ'' । ୧୮୯୨ ରୁ ନିୟମିତ ପ୍ରକାଶିତ ସୁବିଖ୍ୟାତ ଆମେରିକୀୟ ପତ୍ରିକା 'ଦ ସିଓ୍ୱାନୀ ରିଭ୍ୟୁ' ର ୨୦୦୯ର 'ସବୁଠୁ ବଳି କବିତାର କବି' ପୁରସ୍କାର ଲାଭ କରିବାରେ ସେ ଆମ ମାଟିର ପ୍ରଥମ କବି ପଦ୍ମଶ୍ରୀ, କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ, ସାଆର୍କ ସାହିତ୍ୟ ପୁରସ୍କାର...ବହୁ ଆନ୍ତର୍ଜାତିକ ଓ ଅନ୍ତର୍ଜାତିକ ସମ୍ମାନରେ ସମ୍ମାନିତ ସେ ।

